# ୧୦ କିଓସ୍କ ସିଲ୍ କଲା ବିଏସ୍‌ସିଏଲ୍

## ନିୟମ ଉଲ୍ଲଂଘନ

ଭୁବନେଶ୍ୱର, ୧୬।୬ (ବ୍ୟୁରୋ)

ନିୟମ ଉଲ୍ଲଂଘନ ନେଇ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ପକ୍ଷରୁ ୧୦ କିଓସ୍କ ଉପରେ ଗୁରୁବାର କାର୍ଯ୍ୟାନୁଷ୍ଠାନ ହୋଇଛି। ମାଷ୍ଟରକ୍ୟାଣ୍ଟିନ ଛକଠାରୁ ପଦ୍ମାଳୟ ବୁକ୍‌ଷ୍ଟୋର ପର୍ଯ୍ୟନ୍ତ ୭ଟି ଏବଂ କେନ୍ଦ୍ରୀୟ ବିଦ୍ୟାଳୟ ନିକଟରେ ଥିବା ୩ଟି ବୁକ୍ ଷ୍ଟୋର୍‌କୁ ଅନିର୍ଦ୍ଦିଷ୍ଟକାଳ ପାଇଁ ସିଲ୍ କରାଯାଇଛି।

ସମ୍ପୃକ୍ତ ଦୋକାନୀମାନେ ପୂର୍ବରୁ ଛୋଟ ଛୋଟ କ୍ୟାବିନ୍‌ରେ ବହି ବିକ୍ରୟ କରି ଆସୁଥିଲେ। ବିଏସ୍‌ସିଏଲ୍ ପକ୍ଷରୁ ସେମାନଙ୍କ ପାଇଁ କିଓସ୍କ ସହ ଆନୁଷଙ୍ଗିକ ବନ୍ଦୋବସ୍ତ କରାଯାଇଥିଲା। ହେଲେ କିଛିଦିନ ପରେ ବ୍ୟବସାୟୀମାନେ ଫୁଟ୍‌ପାଥ୍ ଉପରକୁ ମାଡ଼ି ଆସି ବେଞ୍ଚ ପକାଇ ବହି ବିକ୍ରି କରୁଥିଲେ। ଏପରିକି ରାସ୍ତାପାର୍ଶ୍ୱରେ ଲାଗିଥିବା ଗଛ ଏବଂ ଏହାର ସୁରକ୍ଷା ପାଇଁ ଥିବା ବାଡ଼ ମଧ ଭାଙ୍ଗି ଦେଇଥିବା ଦେଖିବାକୁ ମିଳିଥିଲା। ବୁଧବାର ଏନେଇ ଏକ ବୈଠକ ବସି କାର୍ଯ୍ୟାନୁଷ୍ଠାନ ନିଷ୍ପତ୍ତି ନିଆଯାଇଥିଲା। ବିଏମ୍‌ସି କମିଶନର ସଞ୍ଜୟ କୁମାର ସିଂହ ଏବଂ ବିଏସ୍‌ସିଏଲ୍ ଜେନେରାଲ ମ୍ୟାନେଜର ସ୍ଥାନୀୟ ଅଞ୍ଚଳ ପରିଦର୍ଶନ କରିଥିଲେ। ଗୁରୁବାର ବ୍ୟବସାୟିକ ଚୁକ୍ତି ତଥା ନିୟମ ଉଲ୍ଲଂଘନ କରୁଥିବା ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବିଏମ୍‌ସି ସେଣ୍ଟ୍ରାଲ ସ୍କ୍ୱାଡ୍ ଏବଂ ବିଏସ୍‌ସିଏଲ୍ ସ୍କ୍ୱାଡ୍ ମିଳିତ ଭାବେ ଚଢ଼ାଉ କରି ମାଷ୍ଟର କ୍ୟାଣ୍ଟିନ୍ ଛକରୁ ମହର୍ଷି ଛକ ମଧ୍ୟରେ ଥିବା ୧୦ଟି ଦୋକାନକୁ ଅନିର୍ଦ୍ଦିଷ୍ଟକାଳ ପାଇଁ ବନ୍ଦ କରାଯାଇଛି। କେତେଜଣ ଅସାଧୁ ଦୋକାନୀ ନିର୍ଦ୍ଦେଶ ପାଳନ କରୁ ନ ଥିବାବେଳେ ପ୍ରୋଟୋକଲ ମାନୁନାହାନ୍ତି। ତେଣୁ ବ୍ୟବସାୟିକ ନିୟମରେ ଖିଲାପକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଏସ୍‌ସିଏଲ୍ ପକ୍ଷରୁ କୁହାଯାଇଛି।



ଫୁଟ୍‌ପାଥକୁ ମାଡ଼ିଆସିଥିବା ଏକ ବୁକ୍‌ଷ୍ଟୋରକୁ ସିଲ୍ କରାଯାଉଛି।

# ବିଜୟ ଅମୃତା ବିଏମ୍‌ସିର ନୂଆ କମିଶନର

## ବିଏସ୍‌ସିଏଲ୍ ସିଇଓ, କ୍ଯୁଟ୍ ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇବେ

ଭୁବନେଶ୍ୱର, ୧୬।୬ (ବ୍ୟୁରୋ)


ବିଜୟ ଅମୃତା କୁଲାଙ୍ଗେ

ବଦଳିଲେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କମିଶନର। ନୂତନ କମିଶନର ଭାବେ ଗଞ୍ଜାମ ଜିଲାପାଳ ତଥା ୨୦୧୩ ବ୍ୟାଚ୍‌ର ଆଇଏଏସ୍ ଅଫିସର ବିଜୟ ଅମୃତା କୁଲାଙ୍ଗେଙ୍କୁ ନିଯୁକ୍ତ କରାଯାଇଛି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ବିଜୟ ଅମୃତା ବିଏମ୍‌ସି କମିଶନର ସହିତ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍‌ସିଏଲ୍)ର ସିଇଓ ଏବଂ କ୍ଯୁଟ୍‌ର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଗତ କିଛିଦିନ ଧରି ବିଏମ୍‌ସି କମିଶନରଙ୍କ ବଦଳି ନେଇ ଚର୍ଚ୍ଚା ହେଉଥିଲା, ଯାହାକି ବାସ୍ତବରେ ପରିଣତ ହୋଇଛି।

ଅପରପକ୍ଷେ ବାରମ୍ବାର ବିଏମ୍‌ସି କମିଶନରଙ୍କୁ ବଦଳି କରାଯାଉଥିବାରୁ ଏହାକୁ ନେଇ ଆଉଏକ ଚର୍ଚ୍ଚା ଜୋର୍ ଧରିଛି। ୨୦୧୯ରେ ୨୦୧୦ ବ୍ୟାଚ୍‌ର ଆଇଏଏସ୍ ଅଫିସର ପ୍ରେମଚନ୍ଦ୍ର ଚୌଧାରୀଙ୍କୁ ବିଏମ୍‌ସି କମିଶନର ଭାବେ ନିଯୁକ୍ତ କରାଯାଇଥିଲା। ମହାମାରୀ କରୋନା ଭଳି କଠିନ ସମୟରେ ହଠାତ୍ ତାଙ୍କୁ ବଦଳି କରାଯାଇଥିଲା। ୨୦୨୧ ମେ'ରେ ୧୯୯୭ ବ୍ୟାଚ୍ ଆଇଏଏସ୍ ଅଫିସର ସଞ୍ଜୟ ସିଂଙ୍କୁ କମିଶନର ଭାବେ ଦାୟିତ୍ୱ ଦିଆଯାଇଥିଲା। ମାତ୍ର ବର୍ଷକ ପରେ ପୁଣି କମିଶନରଙ୍କୁ ବଦଳି କରାଯାଇଛି। ରାଜଧାନୀବାସୀ ନିକଟରେ ନୂଆ ମେୟର ପାଇଥିବାବେଳେ ଏବେ ନୂଆ ପ୍ରଶାସକ ପାଇଛନ୍ତି। ଭୁବନେଶ୍ୱରରେ ବର୍ତ୍ତମାନ ଓ ଆଗାମୀ ଦିନରେ ଅନେକ ଚ୍ୟାଲେଞ୍ଜ ଥିବାବେଳେ ନୂଆ କମିଶନର ବିଜୟ ଅମୃତା ସେସବୁକୁ କିପରି ସମ୍ମୁଖୀନ ହେବେ ତାହା ଉପରେ ସହରବାସଙ୍କ ନଜର ରହିବ।

## ସଂକ୍ଷେପରେ

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ହତ୍ୟା ଅଭିଯୋଗ

ବାଲିଅନ୍ତା, ୧୬।୬ (ଡି.ଏନ.ଏ.): ବାଲିଅନ୍ତା ଥାନା ଅଧୀନ ବଇଁଚୁଆ ଗ୍ରାମରେ ଗୁରୁବାର ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ସୁମିତ୍ରା ପ୍ରଧାନ। ସେ ୩ ମାସ ତଳେ ବିବାହ କରିଥିଲେ। ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ମହିଳାଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କ ଶାଶୁଘର ଲୋକେ ଚିକିତ୍ସା ପାଇଁ ଡାକ୍ତରଖାନା ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ସୁମିତ୍ରାଙ୍କ ବାପଘର ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ଭଉଣୀଙ୍କୁ ବିଷ ପିଆଇ ହତ୍ୟା କରାଯାଇଥିବା ନେଇ ସୁମିତ୍ରାଙ୍କ ଭାଇ ଉତ୍ତମ ବାଲିଅନ୍ତା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ନଂ. ୨୩୦/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ବାଲୁଖଣ୍ଡର ୫ ଏକର ଜଙ୍ଗଲ ଜଳିଗଲା



ପୁରୀ ଅଫିସ,୧୬।୬: କୋଣାର୍କ ବନଖଣ୍ଡ ଅଧୀନ ବାଲୁଖଣ୍ଡ ଅଭୟାରଣ୍ୟ ଓ କୁରୁଜଙ୍ଗ ସେକ୍ସନରେ ବୁଧବାର ସନ୍ଧ୍ୟାରେ ଲାଗିଥିବା ନିଆଁ ଗୁରୁବାର ଭୋର ୪ଟା ବେଳକୁ ଆୟତ୍ତ ହୋଇଥିଲା। ବନଖଣ୍ଡ ଅଧିକାରୀ ଓ କର୍ମଚାରୀ, ଅଗ୍ନିଶମ ଅଧିକାରୀ ଏବଂ ସ୍ଥାନୀୟ ଲୋକଙ୍କ ମିଳିତ ଉଦ୍ୟମରେ ନିଆଁକୁ ବହୁ କଷ୍ଟରେ ଆୟତ୍ତ କରାଯାଇଥିବା ଜିଲା ବନ ଅଧିକାରୀ ରାମସ୍ୱାମୀ କହିଛନ୍ତି। ସେ କହିଛନ୍ତି, ଜଙ୍ଗଲରେ ନିଆଁ ଲାଗିଥିବା ଖବର ମିଳିବା ପରେ ତୁରନ୍ତ ଅଗ୍ନିଶମ ବିଭାଗକୁ ସୂଚନା ଦିଆଯାଇଥିଲା। ଘଟଣାସ୍ଥଳରେ ଦମକଳ ପହଞ୍ଚିଥିଲେ ବି ଯିବାକୁ ଜଙ୍ଗଲ ଭିତରେ ରାସ୍ତା ନ ଥିଲା। ଫଳରେ ଅଗ୍ନିଶମ କର୍ମଚାରୀମାନେ ସେଠାରେ ଜେସିବି ସହାୟତାରେ ୧୫ ଫୁଟ୍‌ର ଗାତ ଖୋଳି ପାଇପ୍ ଲଗାଇ ପାଣି ବାହାର କରିଥିଲେ। ସେହି ପାଣିରେ ନିଆଁ ଲିଭାଯାଇଥିଲା। ନିଆଁରେ ୫ ଏକରରୁ ଊର୍ଦ୍ଧ୍ୱ ଏକର ଜଙ୍ଗଲରେ ଗଛଲତା ପୋଡ଼ି ନଷ୍ଟ ହୋଇଯାଇଥିଲେ ମଧ କୌଣସି ଜୀବଜନ୍ତୁଙ୍କ ଜୀବନ ହାନି ହୋଇନାହିଁ।

### ୩ ସାଇକେଲ, ୧ ମୋବାଇଲ ଜବତ : ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୧୬।୬ (ବ୍ୟୁରୋ): ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରୁ ଚୋରି କରୁଥିବା ଜଣେ ଅଭିଯୁକ୍ତଙ୍କୁ ଲକ୍ଷ୍ମୀସାଗର ଥାନା ପୋଲିସ ଗିରଫ କରିଛି। ସେ ହେଲେ ଉକ୍ତ ଅଞ୍ଚଳର ବଳରାମ ସାମନ୍ତରାୟ (୨୯)। ତାଙ୍କଠାରୁ ୩ ସାଇକେଲ ଓ ଗୋଟିଏ ମୋବାଇଲ ଫୋନ ଜବତ କରାଯାଇଛି। ଏଥିସହ ପୋଲିସ ଏକ ମାମଲା (ନଂ.୨୩୩/୨୨) ରୁଜୁ କରି ଅଭିଯୁକ୍ତ ବଳରାମଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଛି। ପଚରାଉଚରାବେଳେ ସେ ନିଜ ଦୋଷ ସ୍ୱୀକାର କରିବା ସହ ଗୋଟିଏ ସାଇକେଲ ବଡଗଡ ଓ ଅନ୍ୟ ୨ଟି ଲକ୍ଷ୍ମୀସାଗର ଥାନା ଅଞ୍ଚଳରୁ ଚୋରି କରିଥିବା କହିଛନ୍ତି।

# ୧୫ ଦିନରେ ଧରାପଡ଼ିଲେ ୮ ନିଶା ବେପାରୀ

## ୭୯.୫୬ ଗ୍ରାମ ବ୍ରାଉନସୁଗାର, ୨୮ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ

ଭୁବନେଶ୍ୱର, ୧୬।୬ (ବ୍ୟୁରୋ):

ନିଶା ପାଇଁ ଅପରାଧ ବଢ଼ୁଛି। ଚୋରି, ଡକାୟତି, ଲୁଟ୍ ଆଦି ଘଟଣା ଘଟୁଛି। ନିଶା ଖାଇ ବହୁ ଯୁବକ ଅପରାଧ ଦୁନିଆରେ ପାଦ ଥାପୁଛନ୍ତି। ତେଣୁ ବେଆଇନ ନିଶା କାରବାର ଓ ସେବନକୁ ରୋକିବା ପାଇଁ କମିଶନରେଟ ପୋଲିସ ଅଣ୍ଟା ଭିଡିଛି। ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲାରେ ବିଭିନ୍ନ ଥାନା ସ୍ତରରେ କାର୍ଯ୍ୟ କରୁଥିବା ସ୍ୱତନ୍ତ୍ର ଅଭିଯାନ ହ୍ୱାଇଟ୍ ସ୍ୱାଇଡର, ପିଓପିଡି ଏବଂ ଟିମ-୬୦ ବେଆଇନ ନିଶା କାରବାର ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ଜୁନ ୧ ରୁ ୧୫ ମଧ୍ୟରେ ଏସବୁ ଅଭିଯାନ ମାଧ୍ୟମରେ ଚଢ଼ାଉ କରାଯାଇ ୮ଜଣ ନିଶା ବେପାରୀଙ୍କୁ ଗିରଫ କରାଯାଇଛି। ଏମାନଙ୍କ ମଧ୍ୟରେ ୬ଜଣ ବ୍ରାଉନସୁଗାର ଓ ୨ଜଣ ଗଞ୍ଜେଇ ବେପାରୀ ରହିଛନ୍ତି। ସେମାନଙ୍କଠାରୁ ମୋଟ ୭୯.୫୬ ଗ୍ରାମର ବ୍ରାଉନସୁଗାର ଓ ୧ ଲକ୍ଷ ୩୯ ହଜାର ୯୦୦ ଟଙ୍କା, ୪ ମୋବାଇଲ ଫୋନ, ଗୋଟିଏ ୨ ଚକିଆ ଯାନ ଜବତ କରାଯାଇଛି। ସେହିପରି ୨ ଗଞ୍ଜେଇ ବେପାରୀଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ୨୮ କେଜି ୩୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଆଗକୁ ନିଶା କାରବାର ବିରୋଧୀ ଅଭିଯାନ କଡାକଡି କାର୍ଯ୍ୟକାରୀ କରାଯିବ ବୋଲି ଭୁବନେଶ୍ୱର ସହରାଞ୍ଚଳ ପୋଲିସ ତରଫରୁ କୁହାଯାଇଛି।


ବିଶିଷ୍ଟ କମ୍ୟୁନିଷ୍ଟ ନେତା ତଥା ପୂର୍ବତନ ବିଧାୟକ ପ୍ରସନ୍ନ ପଣ୍ଡାଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ଗୁରୁବାର ଭୁବନେଶ୍ୱରସ୍ଥିତ ଭଗବତୀ ଭବନଠାରେ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ସ୍ମୃତିଚାରଣ କରାଯାଉଛି।

# ଓଡ଼ିଆ ପରମ୍ପରାକୁ ବଞ୍ଚାଇବାକୁ ପ୍ରୟାସ

ପୁରୁଣା ଭୁବନେଶର,୧୬।୬(ଡି.ଏନ୍.ଏ.)

ନୂଆ ଗାଁ ଗ୍ରାମୀଣ ରଜ ମହୋତ୍ସବ ୨୦୨୨ ସ୍ଥାନୀୟ ମରୁତ ନଗର ମହୋତ୍ସବ ପଡିଆରେ ରଜ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ନୂଆ ଗାଁ ଗ୍ରାମ୍ୟ କମିଟି ଓ ମରୁତ ନଗର ବାସିନ୍ଦାଙ୍କ ସହଯୋଗରେ ଆୟୋଜିତ ରଜ ମହୋତ୍ସବରେ ମୁଖ୍ୟ ଅତିଥିଭାବେ ପଦ୍ମଶ୍ରୀ ପ୍ରଭାକର ମହାରଣା, ସମ୍ମାନିତ ଅତିଥି ଭାବେ ପ୍ରିୟଲତା ଦାଶ, ସ୍ଥାନୀୟ କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର ଯୋଗଦେଇ କାର୍ଯ୍ୟକ୍ରମ ଭୂୟସୀ ପ୍ରଶଂସା କରିଥିଲେ। ଉତ୍ସବରେ ରାଜ କୁଆଁରୀ ପୁଚି, ହୁଳହୁଳି ଆଦି ପ୍ରତିଯୋଗିତାରେ କୃତୀ ମହିଳା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।। ଗ୍ରାମ୍ୟ କମିଟି ଆବାହକ ଚିନ୍ମୟ ବଡଜେନା, ବୃନ୍ଦାବନ ସାହୁ, ବସନ୍ତ ବରାଲ, ସଞ୍ଜୟ ଗିରି, ଅଶ୍ୱିନୀ ସାହୁ ସ୍ଥାନୀୟବାସିନ୍ଦାଙ୍କ ସହଯୋଗରେ ପରିଚାଳନା କରିଥିଲେ।

# ଓଟିଡିସି ରଜ ମହୋତ୍ସବରେ ୧୦ଲକ୍ଷ ଟଙ୍କାର ପିଠା ବିକ୍ରି

ଭୁବନେଶ୍ୱର,୧୬।୬(ବ୍ୟୁରୋ)

ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ପକ୍ଷରୁ ଶହୀଦନଗର ଦୁର୍ଗା ମଣ୍ଡପଠାରେ ୩ଦିନ ଧରି ଚାଲିଥିବା ରଜ ମହୋତ୍ସବ ଶେଷ ହୋଇଛି। ଏଥିସହ ଓଡ଼ିଶାର ରଜ ପର୍ବ ପାଳନରେ ଓଟିଡିସିର ପରିସର ବୃଦ୍ଧି ପାଇଛି। ଚଳିତ ବର୍ଷ ପ୍ରଥମଥର ପାଇଁ ଓଟିଡିସି ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବ ୧୮ ପାନ୍ଥନିବାସରେ ରଜପର୍ବ ପାଳନ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତା ସହ ଓଡ଼ିଆ ସଂସ୍କୃତି, ପରମ୍ପରାକୁ ନେଇ କେତେକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ତେବେ ମହୋତ୍ସବରେ ପିଠାର ଚାହିଦା ସ୍ୱତନ୍ତ୍ର ଥିଲା। ଓଟିଡିସିର ପିଠା ଷ୍ଟଲରୁ ୩ଦିନରେ ୧୦ ଲକ୍ଷରୁ ଅଧିକ ଟଙ୍କା ପିଠା ବିକ୍ରି ହୋଇଥିବା ସୂଚନା ଦିଆଯାଇଛି। ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ସମ୍ମାନିତ ଅତିଥି ସୁଲୋଚନା ଦାସ, ୩୦ନଂ. ୱାର୍ଡ କର୍ପୋରେଟର ରାଜକିଶୋର ଦାସ, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଦୁର୍ଗାପ୍ରସାଦ ମହାପାତ୍ର, ଅଂଶୁମାନ ରଥ, ପର୍ଯ୍ୟଟନ ବିଭାଗ ସଚିବ ପ୍ରଶାନ୍ତ ନନ୍ଦ, ଉପଖଣ୍ଡ ପରିଚାଳକ ପ୍ରଣବ ଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଦେବାଂଶୀ ଡ୍ୟାନ୍ସ ଏକାଡେମୀ, ବୀଣାପାଣି କଳା ନିକେତନ , ଗୁରୁ ଜ୍ଞାନେନ୍ଦ୍ର ସାହୁ ଓ ସାଥୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଭଲ ଗଳ୍ପଟିଏ ସମାଜକୁ ସଂସ୍କାରିତ କରିଥାଏ

## 'ଭିନ୍ନ ଏକ ରେବତୀ ଓ ଅନ୍ୟାନ୍ୟ ଗଳ୍ପ' ଉନ୍ମୋଚିତ

ଭୁବନେଶ୍ୱର,୧୬।୬(ବ୍ୟୁରୋ)

ଭଲ ଗଳ୍ପଟିଏ ଜୀବନକୁ ସୁନ୍ଦର କରିବା ସହ ସମଗ୍ର ସମାଜକୁ ସଂସ୍କାରିତ ଓ ଆଲୋକିତ କରିଥାଏ। ଏହା ଡ. ଗଣେଶ୍ୱର ଜେନାଙ୍କ ଗଳ୍ପ ସଂକଳନ 'ଭିନ୍ନ ଏକ ରେବତୀ ଓ ଅନ୍ୟାନ୍ୟ ଗଳ୍ପ'ରୁ ଅନୁଭବ କରିହେଉଛି ବୋଲି ସ୍ତମ୍ଭକାର ଦାଶ ବେନ୍ହୁର କହିଛନ୍ତି। ପଶ୍ଚିମା ପ୍ରକାଶନୀ ପକ୍ଷରୁ ଏହି ପୁସ୍ତକ ପ୍ରକାଶ ପାଇଥିବାବେଳେ ଗୁରୁବାର ଗୀତଗୋବିନ୍ଦ ସଦନଠାରେ ଏହାର ସ୍ୱତନ୍ତ୍ର ଉନ୍ମୋଚନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବିଧାୟକ ତଥା ସମ୍ବାଦର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇ କହିଛନ୍ତି, ହଜି ଯାଉଥିବା ସାହିତ୍ୟକୁ ଉଜ୍ଜୀବିତ କରିବା ଓ ଅବ୍ୟକ୍ତ ହୃଦୟର ଅଜଣା ସ୍ୱରକୁ ଗଳ୍ପ ମାଧ୍ୟମରେ ସାଧାରଣ ପାଠକ ପାଖେ ପହଞ୍ଚାଇବା ନିମନ୍ତେ ଲେଖକ ପ୍ରୟାସ କରିଛନ୍ତି। କଥାକାର ବିଜୟ ନାୟକ କହିଛନ୍ତି, ପ୍ରଶାସନିକ ଦୃଷ୍ଟିକୋଣ ଏବଂ ସାଧାରଣ ମଣିଷର ଅନ୍ତଃଦୃଷ୍ଟିର ଯେତେବେଳେ ମିଳନ ଘଟେ, ସେତେବେଳେ ଭିନ୍ନ ଏକ ରେବତୀ ପରି ଗଳ୍ପ ସୃଷ୍ଟି ହୋଇଥାଏ। ଗାଳ୍ପିକା ଡ. ହିରଣ୍ମୟୀ ମିଶ୍ର କହିଛନ୍ତି, ପୁସ୍ତକଟି ନାରୀ ଉପରେ ଆଧାରିତ ବିଭିନ୍ନ ସମସ୍ୟା, ଭଲପାଇବା, ସାମାଜିକ ସମ୍ପର୍କ, ଜୀବନର ଭିନ୍ନ ବିଭବକୁ ନେଇ ରଚିତ ଯାହା ସବୁ ବର୍ଗ ଦ୍ୱାରା ଆଦୃତ ହୋଇପାରିବ। ଲେଖକ ଏହି ପୁସ୍ତକ ପାଠକୀୟ ଆଦୃତି ଲାଭ କରିବାର ଆଶା ରଖିବା ସହ ମନ ମଧ୍ୟରେ ସୃଷ୍ଟି ହୋଇଥିବା ବ୍ୟଗ୍ରତା ଓ ଭାବନାକୁ ଲେଖନୀ ମାଧ୍ୟମରେ ସ୍ଥାନ ଦେଇଛନ୍ତି ବୋଲି କହିଛନ୍ତି। ସ୍ତମ୍ଭକାର ପବିତ୍ର ମୋହନ କର ଉତ୍ସବ ପରିଚାଳନା କରିଥିବା ବେଳେ ଲେଖକ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜଧାନୀରେ ନିଶାଦିଆ ଲୁଟେରାଙ୍କ ଉତ୍ପାତ

■ ରେଳ ଷ୍ଟେଶନ, ବସ୍‌ଷ୍ଟାଣ୍ଡରେ ସକ୍ରିୟ
■ ଆଉ ଜଣଙ୍କୁ ଧରିଲା ପୋଲିସ

ଭୁବନେଶ୍ୱର, ୧୬।୬ (ବ୍ୟୁରୋ):

ରାଜଧାନୀରେ ରାଜ୍ କରୁଛନ୍ତି ନିଶାଦିଆ ଲୁଟେରା। ଟ୍ରେନ୍ ଓ ବସ୍ ଯାତ୍ରୀ, ଅଜଣା ଏବଂ ଏକୁଟିଆ ଯାଉଥିବା ଲୋକଙ୍କୁ ଟାର୍ଗେଟ କରୁଛନ୍ତି। ନାନା ବାହାନାରେ କଥାବାର୍ତ୍ତା କରି ସମ୍ପର୍କ ଯୋଡ଼ିବା ପରେ ଚା' କିମ୍ବା ମୃଦୁ ପାନୀୟରେ ନିଶା ଦେଇ ସୁନା, ଟଙ୍କା ଓ ଜିନିଷପତ୍ର ନେଇ ଫେରାର ହେଉଛନ୍ତି। ସେମାନଙ୍କୁ ସହଯୋଗ କରୁଛନ୍ତି ସ୍ଥାନୀୟ ଚା' ଓ ମୃଦୁ ପାନୀୟ ଦୋକାନୀ। ବିଶେଷକରି ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନ ଓ ବରମୁଣ୍ଡାରେ ଏଭଳି ଲୁଟେରା ଗ୍ୟାଙ୍ଗ୍ ବିଶେଷ ଭାବେ ସକ୍ରିୟ ରହିଥିବାବେଳେ ଏଭଳି ଘଟଣା ବାରମ୍ବାର ନଜରକୁ ଆସୁଛି। ଏବେ ଆଉଜଣେ ଲୁଟେରାଙ୍କୁ ଭରତପୁର ଥାନା ପୋଲିସ ଗିରଫ କରିଛି। ସେ ହେଲେ ଗଞ୍ଜାମର ପପୁ ଓରଫ ଟିଟୁ ପ୍ରଧାନ। ତାଙ୍କଠାରୁ କୌଣସି ଜିନିଷ ଜବତ ହୋଇ ନ ଥିବାବେଳେ ପୋଲିସ ମାମଲା (ନଂ.୭୨/୨୧) ରୁଜୁ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ସଂପୃକ୍ତ ଥିବା ଅନ୍ୟ ୫ ଅଭିଯୁକ୍ତଙ୍କୁ ପୂର୍ବରୁ ଗିରଫ କରାଯାଇଥିବାବେଳେ ଏବେ ଏହି ସଂଖ୍ୟା ୬ରେ ପହଞ୍ଚିଛି। ଏଥିରେ ଏକାଧିକ ବ୍ୟକ୍ତି ସାମିଲ ରହିଥିବା ପୋଲିସ ସନ୍ଦେହ କରିଥିବାରୁ ଗିରଫ ସଂଖ୍ୟା ଆହୁରି ବଢ଼ିବା ଅନୁମାନ କରାଯାଉଛି। ଅନ୍ୟପକ୍ଷରେ ଅଭିଯୁକ୍ତ ପପୁଙ୍କ ନାମରେ ୨୦୧୫ ମସିହାରେ ଖଣ୍ଡଗିରି ଓ ୨୦୨୨ ରେ ବ୍ରହ୍ମପୁର ଜିଆର୍‌ପି ଥାନାରେ ମାମଲା ରହିଛି। ସୂଚନାନୁଯାୟୀ, ଗତ ମାର୍ଚ୍ଚରେ ଗଙ୍ଗାଧର ସାହୁ ଓ ୨ଜଣ ଅଚିହ୍ନା ବ୍ୟକ୍ତି ଏକ ସଙ୍ଗେ ବ୍ରହ୍ମପୁରରୁ ଖମ୍ବେଶ୍ୱରୀ ନାମକ ଏକ ବସ ଯୋଗେ ଭୁବନେଶ୍ୱର ଆସିଥିଲେ। ସେମାନେ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ନିକଟ ସର୍ଭିସ ରୋଡ୍‌ରେ ଓହ୍ଲାଇଥିଲେ। ସେଠାରେ ସାଙ୍ଗହୋଇ ଚା ପିଇ ସାରିବା ପରେ ଓଲା ଗାଡି ବୁକ୍ କରି ସତ୍ୟନଗର ଯିବା ଲାଗି ବାହାରିଥିଲେ। ଏହି ସମୟରେ ଗଙ୍ଗାଧର ସଂଜ୍ଞାହୀନ ହୋଇ ତଳେ ପଡି ଯାଇଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତମାନେ ସେ ପିନ୍ଧିଥିବା ସୁନା ଚେନ, ମୁଦି ଓ ମୋବାଇଲ ଫୋନ୍ ଲୁଟିନେଇ ଫେରାର ହୋଇଥିଲେ। ଏନେଇ ଗଙ୍ଗାଧର ଭରତପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ କାବୁ କରିଥିଲା।

# 'ଶିକ୍ଷା ପ୍ରତି ନୂତନ ଦିଗନ୍ତ ସୃଷ୍ଟି ହୋଇଛି'

## ଘାଟିକିଆ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଶ୍ରେଣୀଗୃହ ଶିଳାନ୍ୟାସ

ଭୁବନେଶ୍ୱର, ୧୬।୬(ବ୍ୟୁରୋ)

ଘାଟିକିଆସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଦୁଇଟି ଶ୍ରେଣୀ ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି। ଗ୍ରାମ୍ୟ ଶିକ୍ଷା ଜାଗରଣ କମିଟି ପକ୍ଷରୁ ଗ୍ରାମ ତଥା ୱାର୍ଡବାସୀଙ୍କ ସହଯୋଗରେ ଆୟୋଜିତ ଶିଳାନ୍ୟାସ ସମାରୋହରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇଥିଲେ। ସେ କହିଲେ, ଉକ୍ତ ବିଦ୍ୟାଳୟକୁ ଏକ ଆଇକନ୍ ଆଦର୍ଶ ବିଦ୍ୟାଳୟ ଓ ୫-ଟି ବିଦ୍ୟାଳୟରେ ପରିଣତ କରାଯିବ। ଏଥିସହ ଶିକ୍ଷା ପ୍ରତି ନୂତନ ଦିଗନ୍ତ ସୃଷ୍ଟି କରିଥିବା ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଏକାମ୍ର ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉକ୍ତ ବିଦ୍ୟାଳୟକୁ ବିଧାୟକ ପାଣ୍ଠିରୁ ଯଥା ସମ୍ଭବ ସହାୟତା ରାଶି ପ୍ରଦାନ କରିବେ ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବିଏମ୍‌ସି ମେୟର ସୁଲୋଚନା ଦାସ ଯୋଗଦେଇ, ବିଦ୍ୟାଳୟ ପରିସରରେ ପାଥ୍ ୱେ, ଆଲୋକୀକରଣ ଓ ପରିମଳ ବ୍ୟବସ୍ଥା ଶୀଘ୍ର ଆରମ୍ଭ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ୱାର୍ଡ ନଂ.୨୩ର କର୍ପୋରେଟର କିରଣବାଳା ମାଝି ନିବେଦନପତ୍ର ମାଧ୍ୟମରେ ବିଦ୍ୟାଳୟ ସମସ୍ୟାଗୁଡିକର ସମାଧାନାତ୍ମକ ପନ୍ଥା ପଠନ କରିଥିଲେ। ଗ୍ରାମ୍ୟ ଶିକ୍ଷା ଜାଗରଣ କମିଟି ସଭାପତି ତଥା ପୂର୍ବତନ କର୍ପୋରେଟର ଦିଲୀପ କୁମାର ମାଝି ସଭାପତିତ୍ୱ କରି ଆଗାମୀ ଦିନରେ ୱାର୍ଡବାସୀଙ୍କ ବିକାଶମୂଳକ ପନ୍ଥା ବିଷୟରେ ଆଲୋକପାତ କରିଥିଲେ। ଘାଟିକିଆ ଗ୍ରାମ୍ୟ ଉନ୍ନୟନ ପରିଷଦ ସଭାପତି କୈଳାସଚନ୍ଦ୍ର ଦାସ, ପୁରାତନ ଛାତ୍ର ସଂସଦ ସଭାପତି ପ୍ରଣବାନନ୍ଦ ଦାଶ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ବ୍ରହ୍ମାନନ୍ଦ ଓଝା ଉପସ୍ଥିତ ଥିଲେ । ସହକାରୀ ଶିକ୍ଷକ ଧୀରେନ୍ଦ୍ର କୁମାର ଦାଶ ସଭାକାର୍ଯ୍ୟ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ମେୟର ସୁଲୋଚନା ଦାସ ଓ ଅନ୍ୟମାନେ।

# ଭାଇଚାରା, ସାଂସ୍କୃତିକ ଭାବଧାରା ବଜାୟ ରଖିଛି ମିଳନୀ

## ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବରେ ଭଦ୍ରକର ୬ ବ୍ୟକ୍ତିତ୍ୱ ସମ୍ମାନିତ

ଭୁବନେଶ୍ୱର,୧୬।୬(ବ୍ୟୁରୋ)

ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନ 'ମିଳନୀ'ର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ଗୁରୁବାର ସୂଚନାଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି କହିଲେ, ଭଦ୍ରକ ଜିଲାର ଲୋକଙ୍କୁ ନେଇ ଗଢ଼ା ହୋଇଥିବା ଏହି ଅନୁଷ୍ଠାନକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବ ଗଢ଼ିବା ସହ ଏହାର ପ୍ରଥମ ସଭାପତି ଥିଲେ। ଏଥିସହ ବିଗତ ୫୦ବର୍ଷ ଧରି ରାଜଧାନୀରେ ରହୁଥିବା ଭଦ୍ରକବାସୀ ସମନ୍ୱୟ, ଭାଇଚାରା ଓ ସାଂସ୍କୃତିକ ଭାବଧାରା ବଜାୟ ରଖିଥିବାରୁ ଅନୁଷ୍ଠାନକୁ ପ୍ରଶଂସା କରିଥିଲେ। ଏହାର ମୁଖ୍ୟ ପୁରୋଧା ଡ. ମହତାବ ତାଙ୍କ ଜନକଲ୍ୟାଣ କାର୍ଯ୍ୟକ୍ରମ ପାଇଁ କେବଳ ଭଦ୍ରକ କାହିଁକି ସାରା ଓଡ଼ିଶାର ଜନମାନସରେ ମନେରହିବେ ବୋଲି ରାଜ୍ୟପାଳ କହିଥିଲେ। ବିଧାୟକ ପ୍ରଫୁଲ୍ଲ ସାମଲ, ବିଷ୍ଣୁ ଚରଣ ସେଠୀ, ଅନୁଷ୍ଠାନର ସଭାପତି ଯୁଗଳ କିଶୋର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିବାବେଳେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଦିଗାମ୍ବର ମହାନ୍ତି ସ୍ୱାଗତ ଭାଷଣ ଓ ସାଧାରଣ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ମିଳନୀ ସୁବର୍ଣ୍ଣ ଜୟନ୍ତୀ ସ୍ମରଣିକା ଓ ସଭାପତି ପଟ୍ଟନାୟକଙ୍କ ଦ୍ୱାରା ଲିଖିତ 'ମୋ ଜୀବନର ସଂଘର୍ଷମୟ କାହାଣୀ ' ଓ 'ଆବର୍ଜନାର ଫୁଲ' ପୁସ୍ତକ ଉନ୍ମୋଚିତ ହୋଇଥିଲା। ପରେ ଭଦ୍ରକ ଜିଲାର ସାହିତ୍ୟ, ସଂସ୍କୃତି ଓ ସାମାଜିକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡ. ନନ୍ଦନନ୍ଦନ ଦାସ, ବିନୋଦ ବିହାରୀ ପଲେଇ, ଡ. ରମାକାନ୍ତ ରାଉତ, ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ, ଅଶୋକ କୁମାର ମହାନ୍ତି ଓ ପ୍ରଫେସର ଶୈଳେନ୍ଦ୍ର କୁମାର ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଗୁରୁ ଜଗନ୍ନାଥ କୁଅଁରଙ୍କ ନିର୍ଦ୍ଦେଶନାରେ କଳାକାରମାନେ ନୃତ୍ୟ, ସଙ୍ଗୀତ ଓ ରଜ ଦୋଳି ଆଦି କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସମାରୋହକୁ ପୁରୁଷୋତ୍ତମ ବଳ, ନିରୋଦ ନାରାୟଣ ମହାନ୍ତି ଓ ଭାସ୍କର ଚନ୍ଦ୍ର ଜେନା ପରିଚାଳନା କରିଥିଲେ।



ମହୋତ୍ସବରେ ଅନ୍ୟ ଅତିଥିଙ୍କ ଗହଣରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକଙ୍କୁ ସମ୍ମାନିତ କରାଯାଉଛି।

## ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଖୋଲାହେଲା ଓଦା ବସ୍ତ୍ର

### ମନ୍ଦିରରେ ଭଜନ କୀର୍ତ୍ତନ, ବାଦ୍ୟ ବାଦନ ବନ୍ଦ

ପୁରୀ ଅଫିସ, ୧୬।୬

ପବିତ୍ର ସ୍ନାନପୂର୍ଣ୍ଣିମା ଅବସରରେ ସ୍ନାନବେଦୀରେ ଚତୁର୍ଦ୍ଧାବିଗ୍ରହ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିଥିଲେ। ଅତ୍ୟଧିକ ସ୍ନାନ କରି ଜ୍ୱରରେ ପୀଡ଼ିତ ଅଛନ୍ତି ମହାପ୍ରଭୁ। ଏବେ ଅଣସର ଘରେ ମହାପ୍ରଭୁଙ୍କ ଗୁପ୍ତ ନୀତି ଚାଲିଛି। ୧୪ ଦିନ ଧରି ମହାପ୍ରଭୁଙ୍କ ଗୁପ୍ତ ଉପଚାର ଚାଲିବ। ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଦଇତାପତି ସେବକଙ୍କ ସହିତ ପତିମହାପାତ୍ର ଅଣସର ପିଣ୍ଡିରେ ମହାପ୍ରଭୁଙ୍କ ଗୁପ୍ତ ନୀତି ଜାରି ରଖିଛନ୍ତି। ଗୁରୁବାର ଶ୍ରୀବିଗ୍ରହମାନଙ୍କ ଶ୍ରୀଅଙ୍ଗରୁ ଓଦା ଲୁଗା ଓଲାଗି ବା ବାହାର କରାଯାଇଥିବା ବେଳେ ମହାପ୍ରଭୁଙ୍କ ନିକଟରେ ଚକଟା ଓ ପଣାଭୋଗ ଲାଗି କରାଯାଇଛି। ଅଣସର ପିଣ୍ଡିର ଘନ ଅନ୍ଧକାର ମଧ୍ୟରେ ଚାଲିଛି ମହାପ୍ରଭୁଙ୍କ ଗୁପ୍ତ ନୀତି। ଦଇତାପତି ସେବାୟତ ମାନେ ପ୍ରତ୍ୟେକ ଦିନ ଅଣସର ଘରକୁ ଯାଇ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସେବା କରୁଛନ୍ତି। ନିୟମ ଅନୁଯାୟୀ, ପଣା ଓ ଚକଟା ଭୋଗ ସହ ଧଳାଫୁଲ ମହାପ୍ରଭୁଙ୍କୁ ଲାଗି କରାଯାଉଛି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ସ୍ନାନଯାତ୍ରା ପରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଓଦାଲୁଗା କଢ଼ାଯାଇଥାଏ।

# ନାବାଳକଙ୍କ ମୃତଦେହ ମିଳିଲା

ଭୁବନେଶ୍ୱର, ୧୬।୬ (ବ୍ୟୁରୋ): ଚନ୍ଦ୍ରଶେଖରପୁର ଥାନା ନୀଳାଦ୍ରିବିହାର ପଣ୍ଡାପାର୍କ ବସ୍ତିରୁ ୩ଦିନ ତଳେ ନିଖୋଜ ଥିବା ଜଣେ ନାବାଳକଙ୍କ ମୃତଦେହ ଗୁରୁବାର ଠାବ ହୋଇଛି। ସେ ହେଲେ ଦୈତ୍ୟରାଜ ନାୟକ(୧୬)। ବସ୍ତିଠୁ ମାତ୍ର ୩୦ ମିଟର ଦୂର ଜଙ୍ଗଲିଆ ଅଞ୍ଚଳର ଏକ ଖାଲସ୍ଥାନରୁ ପୋଲିସ ତାଙ୍କ ମୃତଦେହକୁ ଜବତ କରିଛି। ମୃତଦେହକୁ ପୋଲିସ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲା। ହେଲେ ସନ୍ଧ୍ୟା ହୋଇଯିବାରୁ ଶୁକ୍ରବାର ବ୍ୟବଚ୍ଛେଦ କରାଯିବ। ପାରିପାର୍ଶ୍ୱିକ ସ୍ଥିତିରୁ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ମିଳିବାପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନାଧିକାରୀ ପ୍ରଦୀପ କୁମାର ରାଉତ କହିଛନ୍ତି।



### ହତ୍ୟା ସନ୍ଦେହ, ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା

### ମୃତଦେହ ପଚି ଗନ୍ଧେଇବାରୁ ଜଣାପଡ଼ିଲା

ଦୈତ୍ୟରାଜଙ୍କ ମୃତଦେହ ଯେଉଁଠୁ ମିଳିଛି ତାହା ଚନ୍ଦକା ଜଙ୍ଗଲର ସୀମା ଅଞ୍ଚଳ। ସହର ମଧ୍ୟକୁ ହାତୀଙ୍କ ପ୍ରବେଶ ରୋକିବା ପାଇଁ ସେଠି ନାଳ ଖୋଳା ଯାଇଛି। ମୃତଦେହ ପଚିଯାଇଥିବାରୁ ସେଠାରୁ ପ୍ରବଳ ଦୁର୍ଗନ୍ଧ ଆସୁଥିଲା। ବସ୍ତିର କିଛି ଝିଅ ନିକଟରେ ଦୋଳି ଖେଳୁଥିବାବେଳେ ଅତ୍ୟଧିକ ଦୁର୍ଗନ୍ଧ ହେବାରୁ ଘଟଣାସ୍ଥଳକୁ ଯାଇଥିଲେ। ମୃତଦେହରେ ଏକ କମ୍ବଳ ଘୋଡ଼ାଯାଇଥିବାବେଳେ ତା' ଉପରେ କିଛି ଗଛଲତା ପଡ଼ିଥିଲା। ହେଲେ ବାହାରକୁ ଏକ ହାତ ଦିଶୁଥିଲା। ଝିଅମାନେ ଏନେଇ ବସ୍ତିରେ ଖବର ଦେବାରୁ ପରିବାର ଲୋକ ସେଠାକୁ ଆସି ଚିହ୍ନିବା ପରେ ପୋଲିସକୁ ଖବର ଦେଇଥିଲେ।

### ଗୁପ୍ତାଙ୍ଗରେ ଆଘାତ, ମୁହଁରେ ଏସିଡ୍ ଢାଳିଥିବା ସନ୍ଦେହ

ଦୈତ୍ୟରାଜ ନିଖୋଜ ହେବା ସମୟରେ ହାଫ୍‌ପ୍ୟାଣ୍ଟ ଓ ଶାର୍ଟ ପିନ୍ଧିଥିଲେ। ହେଲେ ମୃତଦେହ ମିଳିବା ପରେ ତାଙ୍କ ଦେହରେ କୌଣସି ପୋଷାକ ନ ଥିଲା। ତାଙ୍କ ଶରୀର ପଚିଯାଇଛି। ମୁହଁରେ ଏସିଡ୍ ଭଳି ରାସାୟନିକ ଜିନିଷ ପକାଯାଇ ପୋଡ଼ି ଦିଆଯାଇଥିବା ଜଣାପଡୁଛି। ୩ ଦିନ ତଳେ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି। ତେବେ ଦୈତ୍ୟରାଜଙ୍କ ଗୁପ୍ତାଙ୍ଗକୁ ସାହିର କିଛି ନିର୍ଦ୍ଦିଷ୍ଟ ପିଲା ମାଡ଼ ମାରି ହତ୍ୟା କରିଥିବା ତାଙ୍କ ବଡ଼ଭାଇ ଶିବଶଙ୍କର କହିଛନ୍ତି।

### ଶୁକ୍ରବାର ଘଟଣାସ୍ଥଳରୁ ନମୁନା ସଂଗ୍ରହ କରିବ ସାଇଣ୍ଟିଫିକ୍ ଟିମ୍

ସନ୍ଧ୍ୟା ହୋଇଯିବାରୁ ପୋଲିସ କେବଳ ଦୈତ୍ୟରାଜଙ୍କ ମୃତଦେହ ଜବତ କରି ହସ୍ପିଟାଲ ପଠାଇଛି। ହେଲେ ଅନ୍ୟ ପ୍ରମାଣ ସଂଗ୍ରହ ବାକି ରହିଛି। ଶୁକ୍ରବାର ପୋଲିସ ସେଠାକୁ ଯାଇ ବିଭିନ୍ନ ଦିଗକୁ ନେଇ ତଦନ୍ତ କରିବ। ଏଥିସହ ସେଠାରେ ସାଇଣ୍ଟିଫିକ୍ ଟିମ୍ ମଧ୍ୟ ବିଭିନ୍ନ ନମୁନା ସଂଗ୍ରହ କରିବାକୁ ଯିବ ବୋଲି ଥାନାଧିକାରୀ କହିଛନ୍ତି।

### ରଜ ପାଇଁ କିଣିଥିବା ନୂଆ ପୋଷାକ, ଜୋତା ପିନ୍ଧିପାରିଲେନି

ରଜ ପାଇଁ ଦୈତ୍ୟରାଜ ଅନ୍‌ଲାଇନ୍‌ରେ ନୂଆ ପୋଷାକ ଓ ଜୋତା କିଣିଥିଲେ। ମଙ୍ଗଳବାର ପହିଲି ରଜରେ ତାକୁ ପିନ୍ଧି ବୁଲିଥାନ୍ତେ। ହେଲେ ସୋମବାରଠୁ ସେ ନିଖୋଜ ହୋଇଯିବା ପରେ ଘରେ ନୂଆ ପୋଷାକ ଓ ଜୋତା ପଡ଼ି ରହିଛି। ଏହାକୁ ଭାବି ପରିବାର ଲୋକ ଦୁଃଖରେ ଭାଙ୍ଗି ପଡ଼ିଥିବା ତାଙ୍କ ଭାଇ କହିଛନ୍ତି।

### ସୋମବାରଠୁ ନିଖୋଜ ଥିଲେ ଦୈତ୍ୟରାଜ




ସୋମବାର ସନ୍ଧ୍ୟାରେ ଦୈତ୍ୟରାଜ ବସ୍ତିରେ ବୁଲାବୁଲି କରୁଥିଲେ। ରାତି ପ୍ରାୟ ୧୦ଟା ୩୦ବେଳେ ଉକ୍ତ ବସ୍ତିରେ ରହୁଥିବା ଗେଡୁ ନାମକ ଜଣେ ଯୁବକ ଦୈତ୍ୟରାଜଙ୍କ ମୋବାଇଲ ଆଣି ପରିବାର ଲୋକଙ୍କୁ ଦେଇଥିଲେ। ଦୈତ୍ୟରାଜ ତାଙ୍କ ମୋବାଇଲକୁ ଘର ଲୋକଙ୍କୁ ଦେବାକୁ କହିଥିଲେ ବୋଲି ସେ କହିଥିଲେ। ପୁଅ କୁଆଡ଼େ ଗଲା ବୋଲି ପଚାରିବାରୁ ଗେଡୁ କିଛି ନ କହି ପଳାଇ ଯାଇଥିଲେ। ରାତି ଅଧିକ ହେବା ସହ ପୁଅ ଘରକୁ ନ ଫେରିବାରୁ ପରିବାର ଲୋକ ଗେଡୁଙ୍କ ଘରକୁ ଯାଇ ତାଙ୍କ ମା'ଙ୍କୁ ପଚାରିଥିଲେ। ଗେଡୁ ସହ ଦୈତ୍ୟରାଜ ଏବଂ ଆଉ କିଛି ଯୁବକ ପୁରୀ ଯାଇଛନ୍ତି ବୋଲି ଗେଡୁଙ୍କ ମା' କହିଥିଲେ। ତେବେ ମଙ୍ଗଳବାର ପୁରୀରୁ ଫେରିବା ପରେ ଗେଡୁଙ୍କୁ ପଚାରିବାରୁ, ଦୈତ୍ୟରାଜ ତାଙ୍କ ସହ ଯାଇ ନ ଥିଲେ ବୋଲି କହିଥିଲେ। ତେଣୁ ପରିବାର ଲୋକ ବହୁ ଖୋଜାଖୋଜି କରି ନୟାନ୍ତ ହୋଇପଡ଼ିଥିଲେ। ଦୈତ୍ୟରାଜଙ୍କ ସନ୍ଧାନ ନ ମିଳିବାରୁ ବାପା ଯୁଧିଷ୍ଠିର ମଙ୍ଗଳବାର ଅପରାହ୍ନରେ ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ବସ୍ତିର ଦୀପକ ବୋଲି ଜଣେ ଯୁବକ ତାଙ୍କ ପୁଅଙ୍କୁ ଅପହରଣ କରିଥିବା ନେଇ ସେ ସନ୍ଦେହ କରୁଥିବା ଏତଲାରେ ଉଲ୍ଲେଖ କରିଥିଲେ। ଦୈତ୍ୟରାଜ ନାବାଳକ ହୋଇଥିବାରୁ ପୋଲିସ ଏକ ଅପହରଣ ମାମଲା (ନଂ. ୨୦୨/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏପଟେ ଦୈତ୍ୟରାଜଙ୍କ ନିଖୋଜ ନେଇ ପରିବାରଲୋକେ ଆଖପାଖ ଅଞ୍ଚଳରେ ପୋଷ୍ଟର ମଧ ଲଗାଇଥିଲେ।

### ୩ ଦିନ ତଳେ ପଡ଼ୋଶୀଙ୍କ ସହ ଝଗଡ଼ା ହୋଇଥିଲା

ଏକ ନିର୍ଦ୍ଦିଷ୍ଟ କାରଣକୁ ନେଇ ପଡ଼ୋଶୀ ଦୀପକ ଓ ଦୈତ୍ୟରାଜଙ୍କ ପରିବାର ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିପାଇଁ ବସ୍ତିରେ ବୈଠକ ମଧ୍ୟ ବସିଥିଲା। ତେଣୁ ଦୀପକ ଓ ତାଙ୍କ ସାଥୀମାନେ ଦୈତ୍ୟରାଜଙ୍କୁ ହତ୍ୟା କରିଥିବା ଭାଇ ଶିବଶଙ୍କର ଅଭିଯୋଗ କରିଛନ୍ତି। ତାଙ୍କୁ ପୋଲିସ ଜେରା କରୁ ବୋଲି ସେ କହିଛନ୍ତି।

## ନୃତ୍ୟ ସଙ୍ଗୀତରେ ସରିଲା କାଇଟ୍ ଉତ୍ସବ

କଟକ ଅଫିସ, ୧୬।୬

କଟକ ଜିଲା ପ୍ରଶାସନ ଅନୁକୂଲ୍ୟରେ ବାରବାଟୀ ପ୍ୟାଲେସଠାରେ ଚାଲିଥିବା ତିନିଦିନିଆ କାଇଟ ଉତ୍ସବ ଗୁରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଯୋଗଦେଇ ଜିଲାପାଳ କହିଛନ୍ତି, ମହିଳାଙ୍କ ଆର୍ଥିକ ସ୍ଥିତି ସୁଦୃଢ଼ କରିବା ସହ ସମାଜରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ଉଦ୍ଦେଶ୍ୟରେ ଏହିପରି କାର୍ଯ୍ୟକ୍ରମ ଆଗାମୀ ଦିନରେ କରାଯିବ। ସେହିପରି ଆସନ୍ତା ୨୦ ତାରିଖରୁ ପୁଣି ମହିଳାଙ୍କୁ ନେଇ ଉକ୍ତ ସ୍ଥାନରେ ପ୍ରଦର୍ଶନୀ କରାଯିବ। ପ୍ରତି ସପ୍ତାହର ଶନିବାର ଓ ରବିବାର ମହିଳାଙ୍କ ସଶକ୍ତୀକରଣ ଓ କଳା ସଂସ୍କୃତିକୁ ଉଜ୍ଜୀବିତ ଦିଗରେ ଜିଲା ପ୍ରଶାସନ ପକ୍ଷରୁ ସପ୍ତାହାନ୍ତ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଏହି ଅବସରରେ ଓର୍‌ମାସ୍ ଯୁଗ୍ମ ମୁଖ୍ୟ କାର୍ଯ୍ୟନିର୍ବାହୀ ବିପିନ ରାଉତ, ଜିଲା ମିଶନ ଶକ୍ତି କାର୍ଯ୍ୟକ୍ରମ ପରିଚାଳିକା ସ୍ୱାଗତିକା ପରିଡ଼ା ଏବଂ ରଶ୍ମିତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



କଟକ ବାରବାଟୀ ପ୍ୟାଲେସ୍ ପରିସରରେ ଗୁରୁବାର ଜିଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ କାଇଟ୍ ଉତ୍ସବ ଉଦ୍‌ଯାପନୀ ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ଚର୍ଚ୍ଚାରେ ଟି-୨୦ ନକଲି ପାସ୍

- ଅଭିଯୋଗ ହେଲେ ତଦନ୍ତ କରିବୁ: ଡିସିପି
- ଓସିଏକୁ ବଦ୍‌ନାମ କରିବାକୁ ଚାଲ୍: ସିଇଓ

କଟକ ଅଫିସ, ୧୬।୬

ବାରବାଟୀରେ ଗତ ୧୨ତାରିଖରେ ଅନୁଷ୍ଠିତ ଭାରତ-ଦକ୍ଷିଣଆଫ୍ରିକା ଟି-୨୦ ମ୍ୟାଚରେ ନକଲି ପାସ୍ କାରବାର ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ନକଲି ପାସ୍ ଧରି ବହୁ ଲୋକ ଷ୍ଟାଡିୟମ୍ ଭିତରେ ପଶିଥିବା ଦେଖିବାକୁ ମିଳିଥିଲା। ଏପରି କି କଡ଼ା ସୁରକ୍ଷା ମଧ୍ୟରେ ଥିବା ସ୍ଥାନକୁ ସେମାନେ ଯାଇ ଫଟୋ ଉଠାଇ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରିଥିଲେ । ତେବେ ମ୍ୟାଚ ଆୟୋଜକ ଓସିଏ ଏବଂ ସୁରକ୍ଷା ଦାୟିତ୍ୱରେ ଥିବା କମିଶନରେଟ ପୋଲିସ ଏ ବିଷୟରେ କିପରି ଜାଣିପାରିଲେ ନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଓସିଏ ଏବଂ କମିଶନରେଟ ପୋଲିସ ମଧ୍ୟରେ ବୁଝାମଣା ହୋଇଥିବା ଅଭିଯୋଗ ଉଠିଛି। ତେବେ ଏ ନେଇ କଟକ ଡିସିପି ପିନାକ ମିଶ୍ର କହିଛନ୍ତି, ଅଭିଯୋଗ ହେଲେ ତଦନ୍ତ କରିବୁ । ପୋଲିସ ପାସ୍ ଇସ୍ୟୁ କରିନାହିଁ। ଓସିଏ ପାସ୍ ଇସ୍ୟୁ କରିଥିଲା ବୋଲି ମିଶ୍ର କହିଛନ୍ତି। ଅନ୍ୟପକ୍ଷରେ ଓସିଏକୁ ବଦନାମ କରିବାକୁ ଏହା ଏକ ଅପପ୍ରଚାର। ତେଣୁ କୌଣସି ଅଭିଯୋଗ କରାଯିବ ନାହିଁ ବୋଲି ଓସିଏର ସିଇଓ ସୁବ୍ରତ କୁମାର ବେହେରା କହିଛନ୍ତି।

ସୂଚନାଯୋଗ୍ୟ, ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ ମ୍ୟାଚରେ ନକଲି ପାସ୍ କାରବାର ଦେଖିବାକୁ ମିଳିଥିଲା। ନକଲି ପାସ ଦେଖିବାକୁ ଠିକ ଅସଲି ପାସ୍ ଭଳି। ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଫଟୋ ରହିଛି। ପାସ୍ ଉପରେ ବ୍ୟକ୍ତିଙ୍କ ପରିଚୟ ଆଉ ବେକରେ ଓସିଏ ଫିତା ବି ରହିଛି। ହେଲେ କାହାର ପରିଚୟ 'ଏମ୍‌ଏଲ୍‌ଏ କ୍ରିଉ' ତ ଆଉ କାହାର 'ବିଜେଡି ଭଲ୍ୟୁଣ୍ଟିୟର' ଲେଖାରହିଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି 'ଏମ୍‌ଏଲ୍‌ଏ କ୍ରିଉ' ଲେଖାଥିବା ନକଲି ପାସରେ ରିପୋର୍ଟର ବା କ୍ୟାମେରାମ୍ୟାନ୍ ଡ୍ୟୁଟି ଉଲ୍ଲେଖ ଥିଲା। ଏଭଳି ଏକ ହଜାରରୁ ଅଧିକ ନକଲି ପାସ୍ ନେଇ ମହିଳା ଓ ପୁରୁଷମାନେ ଅତି ସହଜରେ ବାରବାଟୀ ଷ୍ଟାଡିୟମରେ ପ୍ରବେଶ କରିଥିଲେ। ଏମାନଙ୍କ ମଧ୍ୟରୁ ଅନେକେ ନିଜ ସୋସିଆଲ ମିଡିଆରେ ଫଟୋ ପୋଷ୍ଟ କରିବା ପରେ ଉକ୍ତ ଘଟଣା ସାମ୍ନାକୁ ଆସିଛି। ଏ ନେଇ ଓସିଏର ସିଇଓ ବେହେରା କହିଛନ୍ତି, ସୋସିଆଲ ମିଡିଆରେ ଭାଇରାଲ୍ ହେଉଥିବା ପାସ୍ ଓ ପରିଚୟପତ୍ର ଓଡ଼ିଶା କ୍ରିକେଟ୍ ଆସୋସିଏଶନ ପକ୍ଷରୁ ପ୍ରଦାନ କରାଯାଇ ନାହିଁ। ଓସିଏକୁ ବଦନାମ କରିବା ପାଇଁ ଏହା ଏକ ଯୋଜନା। ଯିଏ ବଦନାମ କରିବାକୁ ଚାହୁଁଛନ୍ତି, ଆମେ ଅଭିଯୋଗ କଲେ ମଧ୍ୟ ସେ କରିବେ। କୌଣସି ରାଜନୈତିକ ଦଳ ବା ବିଧାୟକଙ୍କ କ୍ରିଉ ନାଁରେ ପରିଚୟପତ୍ର ବା ପାସ୍ ପ୍ରଦାନ କରାଯିବାର କୌଣସି ବ୍ୟବସ୍ଥା ନାହିଁ ବୋଲି ବେହେରା ସ୍ପଷ୍ଟ କରିଛନ୍ତି।




# ଟ୍ରାଫିକ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ପ୍ଲାନ୍



ବୈଠକରେ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଆର୍. କେ. ଶର୍ମା ଏବଂ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ।

### ରଥଯାତ୍ରା ନିମନ୍ତେ ପୋଲିସର ପ୍ରସ୍ତୁତି ବୈଠକ

- ସିନିୟର ସୁପରଭାଇଜର ଦାୟିତ୍ୱରେ ୩ ଆଇଜି
- ସହରର ସମ୍ବେଦନଶୀଳ ସ୍ଥାନରେ ଲାଗିବ ସିସିଟିଭି

ପୁରୀ ଅଫିସ, ୧୬।୬

ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ପାଇଁ ଗୁରୁବାର ପୁରୀ ଜିଲା ପୋଲିସ କାର୍ଯ୍ୟାଳୟରେ ପୋଲିସ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଆର୍. କେ. ଶର୍ମା ଅଧ୍ୟକ୍ଷତା କରିଥିଲେ। ସ୍ନାନଯାତ୍ରା ଭଳି ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ସବୁ ଦିଗକୁ ଧ୍ୟାନ ଦିଆଯାଇ ପ୍ରସ୍ତୁତି କରାଯିବ। ଟ୍ରାଫିକ୍ ପୁରୀ ସହରର ସବୁଠାରୁ ବଡ଼ ସମସ୍ୟା ହୋଇଥିବାରୁ ସେନେଇ ସ୍ୱତନ୍ତ୍ର ପ୍ଲାନ୍ କରାଯିବ। ସମନ୍ୱିତ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ ହେବ। କର୍ଡନ ଓ ରଥଟଣା ଦାୟିତ୍ୱରେ ବରିଷ୍ଠ ପଦାଧିକାରୀମାନେ ରହିବେ। ୩ ଆଇଜିଙ୍କୁ ସିନିୟର ସୁପରଭାଇଜର ଅଫିସର ଭାବେ ଦାୟିତ୍ୱ ଦିଆଯାଇଛି। ସେମାନେ ହେଲେ ଅପରେଶନ୍ ଆଇଜି, ମୁଖ୍ୟାଳୟ ଆଇଜି ଏବଂ ପଶ୍ଚିମାଞ୍ଚଳ ଆଇଜି। ସେହିଭଳି ୩ଜଣ ଡିଆଇଜି, ଏସ୍‌ଆଇଡବ୍ଲ୍ୟୁ, ଏସ୍‌ଟିଏଫ୍ ଏବଂ ଭୁବନେଶ୍ୱର ଅତିରିକ୍ତ କମିଶନର ଦାୟିତ୍ୱରେ ରହିବେ। ଶ୍ରୀମନ୍ଦିର ଭିତରେ ଓ ବାହାରେ ବଛା ବଛା ପୋଲିସ ଅଧିକାରୀଙ୍କୁ ଦାୟିତ୍ୱରେ ରଖାଯିବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକ ପରେ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଶର୍ମା ଏହି ସୂଚନା ଦେଇଛନ୍ତି।

ଶର୍ମା କହିଛନ୍ତି, ରଥଯାତ୍ରାରେ ସମ୍ବେଦନଶୀଳ ସ୍ଥାନରେ ପୋଲିସ ମୁତୟନଠାରୁ ସ୍ୱତନ୍ତ୍ର ଟ୍ରାଫିକ୍ ପ୍ଲାନିଂ ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ପୁରୀ ଜିଲାର ବରିଷ୍ଠ ପୋଲିସ ଅଧିକାରୀମାନେ ବୈଠକରେ ଉପସ୍ଥିତ ରହି ନିଜ ମତ ରଖିଥିଲେ। ପୋଲିସ ପ୍ରଶାସନ ଉଦ୍ୟମରେ ଶାନ୍ତିଶୃଙ୍ଖଳାରେ ଦେବସ୍ନାନ ଯାତ୍ରା ସମ୍ପନ୍ନ ହୋଇଛି। ସେଥିପାଇଁ ପୁରୀ ସହରବାସୀଙ୍କ ସହ ପୁରୀ ପୋଲିସକୁ ଧନ୍ୟବାଦ ଜଣାଉଛି। ଆଗାମୀ ଜୁଲାଇ ୧ ତାରିଖ ରଥଯାତ୍ରାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଯାହାସବୁ ନୀତିକାନ୍ତି ଚାଲିବ, ତାହା କିପରି ସୁରୁଖୁରୁରେ ସମ୍ପନ୍ନ ହେବ ସେ କ୍ଷେତ୍ରରେ ପୋଲିସ ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଥିସହ ଶାନ୍ତି ଶୃଙ୍ଖଳାରେ ରଥଯାତ୍ରା ସାରିବା ଉପରେ ଧ୍ୟାନ ଦିଆଯାଉଛି। ଭକ୍ତଙ୍କ ସୁବିଧା ଉପରେ ସ୍ୱତନ୍ତ୍ର ଧ୍ୟାନ ରହିବ। ମନ୍ଦିର ଭିତର ଓ ବାହାର ସମେତ ରଥ ନିକଟରେ ବ୍ୟାପକ ପୋଲିସ ମୁତୟନ ହେବେ। ପୁରୀ ସହର ସାରା ସିସିଟିଭି କ୍ୟାମେରା ଲଗାଯିବ। ସିସିଟିଭି ଉପରେ ପୋଲିସର ଏକ ଟିମ୍ ନଜର ରଖିବେ। ରାଜ୍ୟ ସରକାରଙ୍କ କୋଭିଡ୍ ଗାଇଡଲାଇନ୍ ନିର୍ଦ୍ଦେଶନାମା ରଥଯାତ୍ରା ସମୟରେ ଯାହା ରହିବ, ତାହାକୁ କଡ଼ାକଡ଼ି ଭାବେ ପାଳନ କରାଯିବ। ପୁରୀ ଏସ୍‌ପି କନୱର ବିଶାଲ ସିଂ କହିଛନ୍ତି, ସୁରକ୍ଷିତ ଓ ଶୃଙ୍ଖଳିତ ରଥଯାତ୍ରା ପାଇଁ ଯାହା ପଦକ୍ଷେପ ନେବା ଦରକାର ସେନେଇ କ୍ଷେତ୍ର ପ୍ରସ୍ତୁତ କରାଯାଉଛି। ରଥଯାତ୍ରାରେ ବିପୁଳ ଜନ ସମାଗମ ଆଶା କରାଯାଉଥିବାରୁ ପୋଲିସ ବିଭାଗ ପକ୍ଷରୁ ମଧ୍ୟ ବ୍ୟାପକ ପ୍ରସ୍ତୁତି ହେବ ବୋଲି ଏସ୍‌ପି ପ୍ରକାଶ କରିଥିଲେ। ବୈଠକରେ ଆଇଜି ଅମିତାଭ ଠାକୁର, ନରସିଂହ ଭୋଳ, ସତ୍ୟବ୍ରତ ଭୋଇ, ଏସ୍. ଦେବଦତ୍ତ ସିଂ, ଡିଆଇଜି ଅନିରୁଦ୍ଧ କୁମାର ସିଂ, ଜେ.ଏନ୍.ପଙ୍କଜ ଏବଂ ଭୁବନେଶ୍ୱର ଏସିପି ଉମାଶଙ୍କର ଦାସଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।


ଶେଷ ରଜରେ ଗୁରୁବାର କ୍ଷୁଧା ଅନୁଷ୍ଠାନ ପକ୍ଷରୁ ଭୁବନେଶ୍ୱର ଫରେଷ୍ଟ ପାର୍କରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୁବତୀମାନେ ଦୋଳି ଖେଳୁଛନ୍ତି।


ଭୁବନେଶ୍ୱରର ସତ୍ୟନଗର ଲେଡିସ୍ ଫୋରମ୍ ପକ୍ଷରୁ ଗୁରୁବାର ଶେଷ ରଜରେ ଆୟୋଜିତ ରଜ ପ୍ରତିଯୋଗିତାରେ ଭାଗ ନେଇଥିବା ମହିଳାମାନେ।


ରସୁଲଗଡ଼ ଜିଜିପି କଲୋନୀରେ ଛୋଟ ପିଲାମାନେ ରଜ ଦୋଳିର ମଜା ନେଉଛନ୍ତି।

## ସଂକ୍ଷେପରେ

### ୨୦ ଜମାକାରୀ ଫେରିପାଇବେ ଅର୍ଥ

**କଟକ ସଦର ୧୬।୬(ଡି.ଏନ୍. ଏ.):** କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ସମବାୟ ମିନି ବ୍ୟାଙ୍କରେ ଜମାକାରୀଙ୍କ ଅର୍ଥକୁ ଆତ୍ମସାତ କରାଯାଇଥିବା ସ୍ପେଶିଆଲ ଅଡିଟରୁ ଜଣା ପଡିଥିଲା। ପ୍ରଥମ ପର୍ଯ୍ୟାୟରେ ୨୦ଜଣ ଜମାକାରୀଙ୍କ ଆକାଉଣ୍ଟରେ ଶୁକ୍ରବାର ଅର୍ଥ ଜମା କରାଯିବ। ୧୮୦ରୁ ଉର୍ଦ୍ଧ୍ୱ ଜମାକାରୀଙ୍କର ୭୮ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଚଞ୍ଚକତା କରି ଆତ୍ମସାତ କରାଯାଇଥିଲା। ଏ ନେଇ କନ୍ଦରପୁର ଥାନାରେ ନଂ.୨୨୬/୨୧ ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ଜମାକାରୀଙ୍କ ଦାବିକୁ ଗ୍ରହଣ କରି ସରକାର ମିନି ବ୍ୟାଙ୍କ ଲାଭରୁ ଜମାକାରୀଙ୍କୁ ଟଙ୍କା ଫେରସ୍ତ ଦିଆଯିବ ବୋଲି ନିଷ୍ପତ୍ତିକୁ ସ୍ୱାଗତ କରାଯାଇଛି।

### ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ

**ନିଶ୍ଚିନ୍ତକୋଇଲି,୧୬।୬(ସ୍ୱ.ପ୍ର.) -** କଟକ-ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ବଜାରରେ ଗୁରୁବାର ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନେମାଳ ଥାନା ଅଧୀନ ଦେମାଣ୍ଡୋ ଗ୍ରାମର ସୁଦାମ ଚରଣ ମହାନ୍ତି (୨୫)। ପୋଲିସ ସମ୍ପୃକ୍ତ ଟ୍ରକ ଚାଳକଙ୍କୁ ଅଟକ ରଖି ପଚରାଉଚୁରା କରୁଥିବାବେଳେ ଉଭୟ ଗାଡିକୁ ଜବତ କରିଛି। ସୁଦାମ ନିଶ୍ଚିନ୍ତକୋଇଲି ବଜାରରୁ ମିଠା କିଣି ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ କେନ୍ଦ୍ରାପଡାରୁ କଟକ ଅଭିମୁଖେ ଯାଉଥିବା ଏକ ଟ୍ରକ୍ (ନଂ.ଓଆର୍.୦୯.ଡି. ୮୬୫୯) ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ସୁଦାମଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ନିଶ୍ଚିନ୍ତକୋଇଲି ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏହାପରେ ସୁଦାମଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

### ରକ୍ତଦାନ ଶିବିର, ୮୦ ୟୁନିଟ୍ ସଂଗୃହୀତ

**ବାଙ୍କୀ,୧୬।୬(ସ୍ୱ.ପ୍ର.):** ବାଙ୍କୀ ଏନ୍ଏସି ବାତ୍ୟା ଆଶ୍ରୟସ୍ଥଳୀରେ ବ୍ଲକ ଡ୍ରାଇଭର ମହାସଂଘ ଆନୁକୂଲ୍ୟରେ 'ଜୀବନ ବିନ୍ଦୁ' ସହଯୋଗରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରେସ କ୍ଲବ ସମ୍ପାଦକ ସୁବାସ ଚନ୍ଦ୍ର ପାଢ଼ୀଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା। ବାଙ୍କୀ ନଗରପାଳ ମାଣିକ ସାହୁ, କାଉନ୍ସିଲର ସନାତନ ବେହେରା, ବାଙ୍କୀ ପ୍ରେସକ୍ଲବ ସଭାପତି ବଳଭଦ୍ର ପଣ୍ଡା, ଥାନା ଆଇଆଇସି ସୌମେନ୍ଦ୍ର ଶେଖର ତ୍ରିପାଠୀ ଏଥିରେ ଅତିଥିଭାବେ ଯୋଗଦେଇଥିଲେ। ଶିବିରରୁ ୮୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। କେନ୍ଦ୍ରୀୟ ରେଡ୍‌କ୍ରସ ରକ୍ତ ଭଣ୍ଡାରର ଡାକ୍ତର ଶେଷାଂଶୁ ଶତପଥୀ, ଲାବୋରାଟାରି ଟେକ୍ନିସିଆନ ପ୍ରକାଶ କୁମାର ଜେନା, ସନ୍ଦୀପ କୁମାର ସ୍ୱାଇଁ, ପ୍ରସନ୍ନ କୁମାର ସ୍ୱାଇଁ, ଲକ୍ଷ୍ମୀଧର ପତି, ସଞ୍ଜୁଲତା, ଅବିନାଶ ଦାସ, ସରୋଜ ମହାନ୍ତି ଓ ସଞ୍ଜୟ ପାତ୍ର ପ୍ରମୁଖ ଯୋଗଦେଇ ରକ୍ତ ସଂଗ୍ରହ କରିଥିଲେ। ସଂଘ ସଭାପତି ସୋନୁ ରାଉତ, ସମ୍ପାଦକ ନେତ୍ରାନନ୍ଦ ରାଉତଙ୍କ ସମେତ ସଂଘର ସମସ୍ତ ସଭ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ରଜ ସରିଲା, ଆଜି ବସୁମତୀ ସ୍ନାନ

**ନିଶ୍ଚିନ୍ତକୋଇଲି,୧୬।୬(ସ୍ୱ.ପ୍ର.):** ୩ ଦିନ ଧରି ଚାଲିଥିବା କୃଷିଭିତ୍ତିକ ରଜ ପର୍ବ ଗୁରୁବାର ଶେଷ ହୋଇଛି। ଶୁକ୍ରବାର ଚାଷୀମାନେ ଘରେ ମା'ବସୁମତୀଙ୍କ ପୂଜାର୍ଚ୍ଚନା କରି ଚାଷ କାର୍ଯ୍ୟ ଆରମ୍ଭ କରିବେ। ଶେଷ ରଜରେ ବିଭିନ୍ନ ସ୍ଥାନରେ ଚାଲିଥିବା ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ରଜ ଦୋଳି ନିକଟରେ ଭିଡ ପରିଲକ୍ଷିତ ହୋଇଥିଲା ବେଳେ ବଜାର ସରଗରମ ରହିଥିଲା। ଫାଷ୍ଟଫୁଡ ଷ୍ଟଲ, ଗୁପଚୁପ ଓ ଦହିବରା ଦୋକାନରେ ମହିଳାମାନଙ୍କ ଭିଡ ଜମିଥିଲା। ମା'ବେଲେଶ୍ୱରୀ ସାଂସ୍କୃତିକ ପରିଷଦ ସମେତ ନତକାଇ, ଗୋପପୁର, ବୋଧଙ୍ଗ, ଦାଉଦପୁର, ଝାଡେଶ୍ୱରପୁରଠାରେ ଚାଲିଥିବା ଥିବା ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ମା' ହରଚଣ୍ଡୀଙ୍କ ପୀଠରେ ୩ ଦିନ ଧରି ଚାଲିଥିବା ସ୍ୱତନ୍ତ୍ର ପୂଜାର୍ଚ୍ଚନା ଶେଷ ହୋଇଥିବା ବେଳେ ଗୁରୁବାର ମା'ମହିଷମର୍ଦ୍ଦିନୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ନେମାଳ ମହାପୁରୁଷ ପୀଠରେ ମଧ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା।

# ତୈଳିକ ସମାଜ ମହିଳା ମହାମିଳନ

**କଟକ ଅଫିସ, ୧୬।୬**

ଓଡ଼ିଶାର ଗଣ ପର୍ବ ରଜର ମହାନ ପରମ୍ପରାକୁ ସମ୍ମାନ ଜଣାଇ କଟକ ସହର ତୈଳିକ (ତେଲି) ବୈଶ୍ୟ ସମାଜ ପକ୍ଷରୁ ଗୁରୁବାର ଶହୀଦ ଭବନରେ ମହିଳା ମହାମିଳନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରୁଚି ପରିଚାଳନା ନିର୍ଦ୍ଦେଶକ ଶରତ ସାହୁ ଯୋଗଦେଇ ମହିଳାମାନଙ୍କ ଉନ୍ନତି ଓ ସେମାନଙ୍କୁ ଏକତ୍ରିତ କରି କିପରି ଜାତିର ଉନ୍ନତି କରିହେବ ସେ ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ସଙ୍ଗୀତା ସାହୁ, ବିଶିଷ୍ଟ ଅତିଥି ଭାବେ ଜ୍ୟୋସ୍ନାରାଣୀ ସାହୁ, ବୈଶ୍ୟିକ ତେଲି ସମାଜର ସଭାପତି ଅଜୟ ସାହୁ,



ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀମାନେ ଚିତ୍ର ଆଙ୍କୁଛନ୍ତି।

ସମ୍ପାଦକ ମଧୁସୂଦନ ସାହୁ, ପ୍ରଦୀପ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ସକାଳ ୧୦ଟାରୁ ମଧ୍ୟାହ୍ନ ୧୨:୩୦ ପର୍ଯ୍ୟନ୍ତ ବିଭିନ୍ନ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା ଯଥା ଚିତ୍ରାଙ୍କନ, ନୃତ୍ୟ, ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା। ସେହିପରି ଅପରାହ୍ନ ୨ଟା ୩୦ରୁ ୫ଟା ୩୦ ପର୍ଯ୍ୟନ୍ତ ଝୋଟି, ପୁଚି, ପାରମ୍ପରିକ ପିଠାପଣା ଓ ରଜସୁନ୍ଦରୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଏହି ପ୍ରତିଯୋଗିତାର ଫଳାଫଳ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ କେତେଜଣ ସମାଜସେବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଇଲିଅଟ୍‌ଙ୍କ ୱେଷ୍ଟଲ୍ୟାଣ୍ଡ ସଂକ୍ରାନ୍ତରେ ଆଲୋଚନା





**କଟକ ଅଫିସ, ୧୬।୬**

ଦି ରିସର୍ଚ୍ଚର୍ସ ଆସୋସିଏଶନ ପକ୍ଷରୁ କଟକସ୍ଥିତ ଏକ ହୋଟେଲରେ ଆୟୋଜିତ ଦୁଇଦିନିଆ ଜାତୀୟ ଆଲୋଚନାଚକ୍ର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଖ୍ୟାତ ଇଂଲିଶ କବି ଟି. ଏସ୍. ଇଲିଅଟ୍‌ଙ୍କ ଲିଖିତ ୱେଷ୍ଟ ଲ୍ୟାଣ୍ଡ (୧୯୨୨)ର ଶତବାର୍ଷିକୀ ଏବଂ ଫୋର୍ କ୍ୱାର୍ଟର୍ସ କବିତା ଗ୍ରନ୍ଥ ଉପରେ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିଭିନ୍ନ ଗବେଷଣାତ୍ମକ ତଥ୍ୟ ଓ ତତ୍ତ୍ୱ ଉପସ୍ଥାପନ କରାଯାଇଥିଲା। ଏଥିସହ ପ୍ରଫେସର ବିଜୟ କୁମାର ଦାସଙ୍କ ସଂଯୋଜନାରେ ବିଶ୍ୱ କବିତା ସଂକ୍ରାନ୍ତ ଏକ କର୍ମଶାଳା ଆୟୋଜିତ ହୋଇଥିଲା। ଆଲୋଚନାଚକ୍ରରେ ପ୍ରଫେସର କାଳିଦାସ ମିଶ୍ର, ସି.ଏନ୍. ଶ୍ରୀନାଥ, ରାଜୀବ ବର୍ମା, ନିବେଦିତା ମୈତ୍ର, ରମେଶ ପ୍ରସାଦ ପାଣିଗ୍ରାହୀ, ଡ. ପ୍ରେମଲତା ରାଉତ, ଡ. ଦୋଲନ ରାୟ, ଡ. ବ୍ରଜକିଶୋର ପାଲ୍, ଡ. ଉଜ୍ଜ୍ୱଳ ଦତ୍ତ, ଡ. ତପୁ ବିଶ୍ୱାସ, ଡ. ରିମା ଘୋଷ, ଡ. ପ୍ରଭାତ କୁମାର ମିଶ୍ର, ଡ. ଜ୍ଞାନ ରଞ୍ଜନ ପାଢୀ ଏବଂ ଡ. ସତ୍ୟସିନ୍ଧୁ ଘୋଷ ପ୍ରମୁଖ ଉପସ୍ଥିତ ଥିଲେ।

# ଅପପ୍ରଚାରକାରୀଙ୍କୁ ଗିରଫ ଦାବି





ମୁସ୍‌ଲିମ୍ ଓ ଦଳିତ ସୁରକ୍ଷା ମଞ୍ଚ ପକ୍ଷରୁ ଡିଜିପିଙ୍କୁ ସ୍ମାରକପତ୍ର ଦେବାକୁ ଆସିଥିବା ମଞ୍ଚର ସଦସ୍ୟମାନେ।

**କଟକ ଅଫିସ,୧୬।୬**

ସାମାଜିକ ଗଣମାଧ୍ୟମରେ ଅପପ୍ରଚାର କରୁଥିବା ବ୍ୟକ୍ତିମାନଙ୍କୁ ଗିରଫ କରିବା ଦାବି ନେଇ ମୁସ୍‌ଲିମ୍ ଓ ଦଳିତ ସୁରକ୍ଷା ମଞ୍ଚ ପକ୍ଷରୁ ପୋଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଗୁରୁବାର ଏଡିଜି ସଞ୍ଜୟ କୁମାରଙ୍କୁ ଏକ ସ୍ମାରକପତ୍ର ଦିଆଯାଇଛି। ଉକ୍ତ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଓଡ଼ିଶା ଏକ ଶାନ୍ତିପ୍ରିୟ ଭାଇଚାରା ସମ୍ପନ୍ନ ରାଜ୍ୟ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଜଗନ୍ନାଥ ସଂସ୍କୃତିକୁ ସମ୍ମାନ କରନ୍ତି। ମାତ୍ର

### ଡିଜିପିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

ହାଇଦ୍ରାବାଦ ଏସ୍‌ପି ଅସଦ୍‌ଉଦ୍ଦିନ ଓୱାଇସି ପୁରୀ ଜଗନ୍ନାଥ ଶ୍ରୀମନ୍ଦିର ସମ୍ପର୍କରେ ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହାକୁ ମଞ୍ଚ ପକ୍ଷରୁ ଦୃଢ ନିନ୍ଦା କରାଯାଉଛି। ଏଣୁ ତୁରନ୍ତ ଓୱାଇସିଙ୍କୁ ଗିରଫ କରାଯାଉ। ଅନ୍ୟପକ୍ଷରେ ମହାପୁରୁଷ ମହମ୍ମଦଙ୍କ ବିଷୟରେ ନୁପୁର ଶର୍ମା ଓ ନବୀନ ଜିନ୍ଦଲ୍‌ଙ୍କ ଟିପ୍ପଣୀ ପାଇଁ ବିଶ୍ୱବ୍ୟାପୀ ବିରୋଧ ପ୍ରଦର୍ଶନ କରାଯାଉଛି। ଏଭଳି ସ୍ଥିତିରେ ଓଡ଼ିଶାରେ କେତେକ ବ୍ୟକ୍ତି ସାମାଜିକ ଗଣମାଧ୍ୟମରେ ଅପପ୍ରଚାର କରୁଛନ୍ତି। ଏଣୁ ସେମାନଙ୍କୁ ଗିରଫ କରାଯିବାକୁ ମଞ୍ଚ ପକ୍ଷରୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ମଞ୍ଚର ସଭାପତି ସେଖ୍ ମୁନ୍ତାକିମ୍ ବକ୍ସଙ୍କ ନେତୃତ୍ୱରେ ପ୍ରଦୀପ କୁମାର ପ୍ରଧାନ, ୱାକଫ୍ ବୋର୍ଡର ପୂର୍ବତନ ଅଧକ୍ଷ ସୟଦ ଏକ୍ରାମ ହୁସେନ, ମୌଲାନା ନୌସାଦ ଆଲମ ମିସ୍‌ବାହୀ, ସେକ୍ ମୁସ୍ତାକ ଅଲ୍ଲୀ, ଆରିଫ ମହମ୍ମଦ ଖାଁ ପ୍ରମୁଖ ଏଡିଜିଙ୍କୁ ଉକ୍ତ ସ୍ମାରକପତ୍ର ପ୍ରଦାନ କରିଥିଲେ।

## ଆଧ୍ୟାତ୍ମିକ ସ୍ତମ୍ଭକାର ଶ୍ରୀସନ୍ନ୍ୟାସୀ ଜୀ ସମ୍ବର୍ଦ୍ଧିତ

**କଟକ ଅଫିସ, ୧୬।୬**

ଆଧ୍ୟାତ୍ମିକ ସ୍ତମ୍ଭକାର, ପ୍ରବକ୍ତା, ଜଗନ୍ନାଥ ସଂସ୍କୃତି ଗବେଷକ ତଥା ଆଧ୍ୟାତ୍ମିକ ପତ୍ରିକା 'ଦିବ୍ୟାଲୋକ ସନ୍ଧାନେ'ର ସମ୍ପାଦକ ଶ୍ରୀସନ୍ନ୍ୟାସୀ ଜୀଙ୍କୁ ହାପି ଲିଭିଂ ଫାଉଣ୍ଡେଶନ ପକ୍ଷରୁ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଫାଉଣ୍ଡେଶନର ଅଧକ୍ଷ ତଥା ଅନ୍ତର୍ଜାତୀୟ ବାସ୍ତୁବିତ୍ ଡ. ମନୋଜ ଲେଙ୍କା, ଭାଷାବିତ୍ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ପୂର୍ବତନ ରାଜ୍ୟ ସଭା ସଦସ୍ୟ ଭୂପିନ୍ଦର ସିଂହ, ବେଦ ଦାନ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ବାବା ଅଭିରାମ ସରସ୍ୱତୀ, ଖବରଦାତା ସଞ୍ଜୟ କୁମାର ଜେନା ପ୍ରମୁଖ ଶ୍ରୀସନ୍ନ୍ୟାସୀ ଜୀଙ୍କୁ ଫଳକ, ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଉଲ୍ଲେଖଯୋଗ୍ୟ, ଦୀର୍ଘବର୍ଷ ହେଲା 'ଧରିତ୍ରୀ'ରେ ଶ୍ରୀସନ୍ନ୍ୟାସୀ ଜୀଙ୍କ ଆଧ୍ୟାତ୍ମିକ ଲେଖା ପ୍ରକାଶ ପାଇଆସୁଛି।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅନିୟମିତତାର ତଦନ୍ତ

**କଟକ ସଦର, ୧୬।୬(ଡି.ଏନ.ଏ.)**

ଗତ ୯ ତାରିଖରେ କଟକ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ କଟକ ସଦର ବ୍ଲକ ଗସ୍ତରେ ଆସିଥିବା ବେଳେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ନିଯୁକ୍ତି ଯୋଜନା (ଏମଜିଏନଆରଇଜିଏସ)ରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ୨୦୨୦ ଏପ୍ରିଲରୁ ୨୦୨୨ ମେ ପର୍ଯ୍ୟନ୍ତ ୫ କୋଟି ରୁ ଉର୍ଦ୍ଧ୍ୱ ଟଙ୍କାର ଶ୍ରମଭିତ୍ତିକ କାମ କରାଯାଇଛି। ହେଲେ କୌଣସି ଜବ କାର୍ଡଧାରୀ ଶ୍ରମିକ ସ୍ଥାନୀୟ ପଞ୍ଚାୟତକୁ କାମ ମାଗିନାହାନ୍ତି। ସି-୧ ଫର୍ମରେ ଜଣେ କାମ କରିବା ପାଇଁ ଆବେଦନ କଲାପରେ କାମ ଦିଆଯିବ। ମାତ୍ର କାହାରିଠାରୁ ଏହି ଫର୍ମ ସଂଗ୍ରହ କରାଯାଇ ନ ଥିଲା। ଏବେ ଗ୍ରାମ ସାଥୀ ଓ ଗ୍ରାମ ରୋଜଗାର ସେବକମାନେ ପିଛିଲା ତାରିଖ ପକାଇ ସି -୧ ଫର୍ମ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି। ମାତ୍ର ଯେଉଁ ପ୍ରଭାବଶାଳୀ ବ୍ୟକ୍ତିମାନେ ନିଜ ଭାଇ, ଭାଉଜ, ସ୍ତ୍ରୀ, ଭଉଣୀ ଆତ୍ମୀୟଙ୍କ ନାମରେ ଜବକାର୍ଡ କରି ମଜୁରି ନେଇଛନ୍ତି ଏବେ ସେମାନେ ସମ୍ପୃକ୍ତ ଫର୍ମରେ ଦସ୍ତଖତ କରିବା ପାଇଁ ଅନିଚ୍ଛୁକ। କାରଣ ଫର୍ମରେ ଦସ୍ତଖତ କଲେ ମୁଣ୍ଡରେ ମାଟି ବୋହିବାର ଫଟୋ ଉଠାଇବାର ବ୍ୟବସ୍ଥା ହେବ। ଏହି ଫଟୋ ଅନ ଲାଇନରେ ଅପଲୋଡ କରାଯିବ। ଯାହାକୁ ସମସ୍ତେ ଦେଖିପାରିବେ। ପୂର୍ବରୁ ଯେଉଁ ଫଟୋ ଅପଲୋଡ୍ କରାଯାଇଛି, ସେଥିରେ ଶ୍ରମିକଙ୍କର ମୁହଁ ଜଣାପଡୁ ନାହିଁ। ଏବେ ଏହି ଘଟଣାକୁ ଚାପି ଦେବା ପାଇଁ ଉଦ୍ୟମ କରାଯାଉଛି ବୋଲି ନିର୍ଭର ଯୋଗ୍ୟ ସୂତ୍ରରୁ ଜଣପଡ଼ିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ମୃତ୍ତିକା ସଂରକ୍ଷଣ ବିଭାଗ ମଧ ପଞ୍ଚାୟତରୁ ଜବ କାର୍ଡ ସଂଗ୍ରହ କରି ୧୫ ଟି ପୋଖରୀ ବିଭିନ୍ନ ପଞ୍ଚାୟତରେ ଖୋଳିଛି। ସମ୍ପୃକ୍ତ ଶ୍ରମିକମାନଙ୍କର ସି – ୧ ଫର୍ମ ମଧ ପଞ୍ଚାୟତ କାର୍ଯ୍ୟାଳୟରୁ ସଂଗ୍ରହ କରାଯାଇ ନ ଥିବା ତଦନ୍ତରୁ ଜଣାପଡ଼ିଛି। ଯେଉଁମାନେ ଦୁର୍ନୀତିରେ ସମ୍ପୃକ୍ତ ସେମାନଙ୍କ ଦ୍ୱାରା ତଦନ୍ତ ନ କରାଯାଇ କେନ୍ଦ୍ରୀୟ ଅନୁଧ୍ୟାନକାରୀଙ୍କ ଦ୍ୱାରା କରିବା ପାଇଁ ଭାଜପା ନେତା ଗୋକୁଳଚନ୍ଦ୍ର ପ୍ରଧାନ ଦାବି କରିଛନ୍ତି। ତଦନ୍ତ ଚାଲୁ ରହିଥିବାରୁ ଏହା ଉପରେ ବିଡିଓ ରାଜୀବ ଲୋଚନ ପରିଡ଼ା ମତ ଦେବା ପାଇଁ ଅନିଚ୍ଛା ପ୍ରକାଶ କରିଥିଲେ।

# ଏକତରଫା କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ଥାନା ଘେରାଉ

**କଣ୍ଟାପଡା, ୧୬।୬(ଡି.ଏନ୍.ଏ.)**

ଗୋବିନ୍ଦପୁର ଥାନା ଅନ୍ତର୍ଗତ ପୋସ୍ତଳ ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କ ଉପରେ ରାଜନୈତିକ ଆକ୍ରୋଶ ରଖି ପୋଲିସ ଏକତରଫା କାର୍ଯ୍ୟାନୁଷ୍ଠାନ ନେବା ପ୍ରତିବାଦରେ ଗୁରୁବାର ଶତାଧିକ ସମର୍ଥକ ଗୋବିନ୍ଦପୁର ଥାନା ଘେରାଉ କରିଥିଲେ। ଘଟଣାର ପୁନଃ ତଦନ୍ତ କରାଯିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କଟକସଦର ଉପଖଣ୍ଡ ଅଧିକାରୀ ସୁବାସଚନ୍ଦ୍ର ପଣ୍ଡା ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନକାରୀମାନେ ଥାନା ଘେରାଉରୁ ନିବୃତ୍ତ ରହିଥିଲେ। ଖବର ଅନୁଯାୟୀ, ଗତ ୧୦ ତାରିଖରେ ସାମାନ୍ୟ ବଚସାକୁ କେନ୍ଦ୍ରକରି ପୋସ୍ତଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଦୀପ୍ତ ପାତ୍ରଙ୍କ ଉପରକୁ ସୁଦସାଇଲୋ ଗ୍ରାମର ଜଣେ ଯୁବକ ବୋମା ଫିଙ୍ଗି ହତ୍ୟା ଉଦ୍ୟମ କରିଥିଲେ। ଏହି ଘଟଣାରେ ପ୍ରଦୀପ୍ତଙ୍କ ଅଭିଯୋଗକୁ ପୋଲିସ ହାଲୁକା ଭାବେ ନେଇ ଆକ୍ରମଣକାରୀ ଯୁବକଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ପ୍ରଦୀପ୍ତଙ୍କ ବିରୋଧରେ ସଙ୍ଗୀନ ଦଫା ଲଗାଇ ହଇରାଣ ହରକତ କରୁଛନ୍ତି। ଘଟଣାର ସତ୍ୟାସତ୍ୟର ଉପଯୁକ୍ତ ତଦନ୍ତ ଦାବିରେ ପୋସ୍ତଳ ପଞ୍ଚାୟତର ସଞ୍ଜୟ ମଲ୍ଲିକ, ଅଙ୍ଗଦ ରାଉତରାୟ, ଦିଲୀପ ବେହେରା, ମାନସ ସାମନ୍ତରାୟଙ୍କ ନେତୃତ୍ୱରେ ଥାନା ଘେରାଉ କରାଯାଇଥିଲା।

## ଘୋଷଯାତ୍ରା ନିମନ୍ତେ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ

**କଟକ ଅଫିସ,୧୬।୬:**

ମାଛୁଆ ବଜାରସ୍ଥିତ ଶଶିକଳା ମଣ୍ଡପଠାରେ ପୁରୀ ଘୋଷଯାତ୍ରା ନିମନ୍ତେ ୪ ଦିନିଆ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ସେଣ୍ଟ ଜନ୍ ଆମ୍ବୁଲାନ୍ସ ରାଜ୍ୟ ଶାଖା ସମ୍ପାଦକ ଡା. ସନତ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ, କଟକ ଜିଲା ଯୁଗ୍ମ ସମ୍ପାଦକଙ୍କ ନେତୃତ୍ୱରେ ଏହି ଶିବିର ଆୟୋଜନ କରାଯାଇଥିଲା। ୫୦ ଜଣ ଯୁବକ ଓ ଛାତ୍ରଙ୍କୁ ତାଲିମ୍ ଦିଆଯାଇଥିଲା। ଆସନ୍ତା ରଥଯାତ୍ରାରେ ପୁରୀକୁ ଦାରୁଦିଅଁଙ୍କ ଦର୍ଶନ ଲାଗି ଆସିଥିବା ଯାତ୍ରୀଙ୍କ ସେବା ଓ ପ୍ରାଥମିକ ଚିକିତ୍ସା ପାଇଁ ପ୍ରତ୍ୟେକ ରଥ ସହିତ ଏହି ତାଲିମଧାରୀମାନେ ନିଜ ଡ୍ରେସ କୋଡ୍ ଓ ଆମ୍ବୁଲାନ୍ସ ସହିତ ସଜାଗ ରହିବେ। କୌଣସି ଅସୁସ୍ଥ ଓ ଆକସ୍ମିକ ଦୁର୍ଘଟଣାର ଶିକାର ବ୍ୟକ୍ତିଙ୍କୁ ଆଶୁଚିକିତ୍ସା ଯୋଗାଇଦେବେ। ଉକ୍ତ ଶିବିରର ଉଦ୍‌ଯାପନୀ ଦିବସରେ ମାନବ ଅଧିକାର କର୍ମୀ ବିଶ୍ୱଜିତ ସୂର୍ଯ୍ୟବଂଶୀ, ସ୍ଥାନୀୟ ମୁରବି କ୍ଷୀରୋଦ ସାହୁ ଓ ୩୪ ନମ୍ବର ୱାର୍ଡର ପୂର୍ବତନ କର୍ପୋରେଟର ନମିତା ମଞ୍ଜରୀ ସାହୁ ଉପସ୍ଥିତ ଥିଲେ।

# ୧୮ରେ ନଅଙ୍କ ଦୁର୍ଭିକ୍ଷର ୧୫୬ ବାର୍ଷିକୀ ଫଟୋ ପ୍ରଦର୍ଶନୀ





ଇନ୍‌ଟାକ୍ ପକ୍ଷରୁ କଟକ କ୍ଲବ ଆନେକ୍ସ ହଲ୍‌ରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅତିଥିମାନେ ଫଟୋ ପ୍ରଦର୍ଶନୀ କରାଯାଉଛି।

**କଟକ ଅଫିସ, ୧୬।୬**

ଇଣ୍ଡିଆନ ନ୍ୟାଶନାଲ ଟ୍ରଷ୍ଟ ଫର ଆର୍ଟ ଆଣ୍ଡ କଲ୍‌ଚରାଲ ହେରିଟେଜ(ଇନ୍‌ଟାକ୍)ର କଟକ ଚାପ୍‌ଟର ଓ କଟକ କ୍ଲବ ମିଳିତ ଆନୁକୂଲ୍ୟରେ ଦୁଇଦିନିଆ ଫଟୋ ପ୍ରଦର୍ଶନୀ ଆସନ୍ତା ୧୮ ତାରିଖରୁ ଆରମ୍ଭ ହେବ। କଟକ କ୍ଲବ ଆନେକ୍ସ ହଲ୍‌ରେ ହେବାକୁ ଥିବା ଉକ୍ତ ପ୍ରଦର୍ଶନୀକୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ୧୮୬୬ରେ ଓଡ଼ିଶାରେ ହାହାକାର ପରିସ୍ଥିତି ସୃଷ୍ଟି କରିଥିବା ନଅଙ୍କ ଦୁର୍ଭିକ୍ଷର ୧୫୬ ବାର୍ଷିକୀ ଅବସରରେ ଏହି ପ୍ରଦର୍ଶନୀ କରାଯିବ। ଏଥିରେ ବିଦେଶ ଗଣମାଧ୍ୟମରେ ଦୁର୍ଭିକ୍ଷ ସମୟରେ ପ୍ରକାଶିତ ହୋଇଥିବା ଫଟୋ, ରେଖାଚିତ୍ର ଓ ପ୍ରତିକୃତି ସ୍ଥାନିତ ହେବ ବୋଲି ଇନ୍‌ଟାକ୍ କଟକ ଚାପ୍ଟରର କନଭେନର ଇଂ. ଗୋପାଳ ବେହେରା ଗୁରୁବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ସେ କହିଛନ୍ତି, ୧୮୬୫ରେ ନଅଙ୍କ ଦୁର୍ଭିକ୍ଷ ହୋଇଥିଲା। ଏଥିଯୋଗୁ ପ୍ରାୟ ୫୦ ଲକ୍ଷ ଲୋକ ପ୍ରାଣ ହରାଇଥିଲେ। ଏହି ଅବସରରେ ଗୋଟିଏ ସେଟ ପୋଷ୍ଟକାର୍ଡ ଉନ୍ମୋଚନ କରାଯିବ। କଟକ କ୍ଲବ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅନିଲ ଧୀର ଓ ବିଶ୍ୱଜିତ ମହାନ୍ତି ଉପସ୍ଥିତ ଥିଲେ।

# ସିପିଏମ୍ ନେତା ଗୌରାଙ୍ଗ ଖିଲାରଙ୍କ ଶରୀର ଦାନ

### ଡାକ୍ତରୀ ଗବେଷଣା ନିମନ୍ତେ ଏସ୍‌ସିବି ମେଡିକାଲକୁ ହସ୍ତାନ୍ତର

**କଟକ ଅଫିସ, ୧୬।୬:**



ସିପିଆଇ(ଏମ୍) ନେତା ତଥା ଓଡ଼ିଶା କୃଷି ଶିଳ୍ପ ନିଗମ କର୍ମଚାରୀ ସଂଘର ପୂର୍ବତନ ସାଧାରଣ ସମ୍ପାଦକ ଗୌରାଙ୍ଗ ଚନ୍ଦ୍ର ଖିଲାରଙ୍କ ମରଶରୀରକୁ ଡାକ୍ତରୀ ଗବେଷଣା ପାଇଁ ଗୁରୁବାର ଏସ୍‌ସିବି ମେଡିକାଲ କଲେଜର ଆନାଟୋମି ବିଭାଗକୁ ଦାନ କରାଯାଇଛି। ତାଙ୍କ ମଧ୍ୟମ ପୁତ୍ର ରାଜ୍ୟ ଯୋଜନା ବିଭାଗ ଉପସଚିବ ପ୍ରବୀର ଖିଲାରଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ବୁଧବାର ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ଯୋଗୁ ୮୮ବର୍ଷ ବୟସରେ ଖିଲାରଙ୍କ ପରଲୋକ ହୋଇଯାଇଥିଲା। ଗୁରୁବାର ତାଙ୍କ ମରଶରୀରକୁ କଟକ ଟିଭି ଲେନ୍‌ସ୍ଥିତ ବାସଭବନକୁ ଅଣାଯାଇଥିଲା। ଏହାପରେ ମାତା ମଠଠାରେ ପାର୍ଟିର କଟକ ନଗର କମିଟି ଓ ପରେ ଆନାଟୋମି ବିଭାଗ ସମ୍ମୁଖରେ ପାର୍ଟି ଜିଲା କମିଟି ଏବଂ ସିଆଇଟିୟୁ କଟକ ସିଟି କୋଅର୍ଡିନେଶନ କମିଟି ପକ୍ଷରୁ ତାଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏସ୍‌ସିବି ଆନାଟୋମି ବିଭାଗର ବିଭାଗୀୟ ମୁଖ୍ୟଙ୍କ ସହ ଆଲୋଚନା କରାଯାଇ ତାଙ୍କ ମରଶରୀରକୁ ହସ୍ତାନ୍ତର କରାଯାଇଥିଲା। ଏହି ଅବସରରେ ଖିଲାରଙ୍କ ପରିବାର ସଦସ୍ୟଙ୍କ ସମେତ ପ୍ରତାପ ମହାପାତ୍ର, ଅଭୟ ସ୍ୱାଇଁ, ଚନ୍ଦ୍ରକାନ୍ତ ବେହେରା, ଇଂ. ମନମୋହନ ପତି, ରବିନାରାୟଣ ମଲ୍ଲିକ, ଭଞ୍ଜକିଶୋର ବେହେରା, ଋତ୍ୱିକ ମହାନ୍ତି, ନିର୍ମଳ ଦାସ, ଗୋକୁଳାନନ୍ଦ ବେହେରା ଏବଂ ଗୋବିନ୍ଦ ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# 'ମହୋତ୍ସବ ମାଧ୍ୟମରେ କଳା, ସଂସ୍କୃତି ଲୋକଲୋଚନକୁ ଆସୁଛି'

**ବାଙ୍କୀ,୧୬।୬(ସ୍ୱ.ପ୍ର.)**

ବାଙ୍କୀ ସଂସ୍କୃତି ଜାଗରଣ ପରିଷଦ ଆନୁକୂଲ୍ୟରେ ଆୟୋଜିତ ମା' ଚୁଟିକେବାସିନୀ ରଜ ମହୋତ୍ସବର ତୃତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଚୁଟିକା ହାଟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ସଚ୍ଚିଦାନନ୍ଦ ସାମଲ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବାଙ୍କୀ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ମାଣିକ ସାହୁ ଯୋଗଦେଇ ରଜ ମହୋତ୍ସବ ମାଧ୍ୟମରେ ବାଙ୍କୀର କଳା, ସାହିତ୍ୟ ଓ ସଂସ୍କୃତି ଲୋକଲୋଚନକୁ ଆସିପାରୁଛି ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ କବୟିତ୍ରୀ ଜୟନ୍ତବାଳା ଜେନା ଯୋଗଦେଇ ରଜ ଉପରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଭ୍ୟା ମିନତି ମହାପାତ୍ର, ବିଶେଷ ଅତିଥି ଭାବେ ଡମପଡ଼ା ବ୍ଲକ ଉପାଧ୍ୟକ୍ଷା ଗୀତାଞ୍ଜଳି ବେଉରା, କାଉନସିଲର ପ୍ରଭାତୀ ମଙ୍ଗୁଆଳ ଯୋଗଦେଇଥିଲେ। ପ୍ରୀତିନେତା ଗିରି ସ୍ୱାଗତ ଭାଷଣ ଓ କବୟିତ୍ରୀ ଶକୁନ୍ତଳା ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସରସ୍ୱତୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଡମପଡ଼ା ବ୍ଲକ ତୁଳସୀପୁର ପଞ୍ଚାୟତର ରଙ୍ଗଣି ସାହି ଯୁବ ସାଂସ୍କୃତିକ ପରିଷଦ ଦ୍ୱାରା ରଜ ମଉଜ ପାଳିତ ହୋଇଯାଇଛି। ନିରଞ୍ଜନ ସାହୁ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ସଂସ୍କୃତ ପଣ୍ଡିତ ବୀରେନ ନାୟକ, ସମ୍ମାନିତ ଅତିଥି ତୁଳସୀପୁର ତନ୍ତୁବାୟ ସମବାୟ ସମିତି ସମ୍ପାଦକ ରାଜକିଶୋର ରାଉତ ଓ ମୁଖ୍ୟବକ୍ତାଭାବେ ନମିତା ପାଲ ଏବଂ ନାରାୟଣ ଜେନା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ବର୍ଷା ପ୍ରିୟଦର୍ଶିନୀ ରଜକୁଇନ ଭାବେ ମନୋନୀତ ହୋଇଥିବା ବେଳେ ପ୍ରୀତିମୟୀ ସାହୁ ରନର୍ସ ଅପ୍ ହୋଇଥିଲେ। ପରେ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ମା'ଚୁଟିକେବାସିନୀ ରଜ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥିବୃନ୍ଦ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୭ ଜୁନ, ୨୦୨୨

## ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ଶିଶୁପାଳ ବର

ପୁରୀ ଅଫିସ: କନ୍ୟାଘର ଲୋକେ ବେଦି ଉପରେ ବରକୁ ମାରିବା ସହ ଟଙ୍କା ଛଡ଼ାଇ ନେଇଥିବା ନେଇ ବ୍ରହ୍ମଗିରି ଥାନାରେ ଅଭିଯୋଗ ହୋଇଥିଲେ ମଧ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନାହିଁ। ଏହି ଅଭିଯୋଗ ଆଣି ସମ୍ପୃକ୍ତ ଶିଶୁପାଳ ବର ପୁରୀ ଟାଉନ ଥାନା ଅନ୍ତର୍ଗତ ହାଡ଼ଗଡ଼ିଆ ସାହି ରାଧାଗୋବିନ୍ଦ ଲେନ୍‌ର ସତ୍ୟନାରାୟଣ ଲେଙ୍କା ଗୁରୁବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗପତ୍ରରେ ଦର୍ଶାଇଛନ୍ତି, ତାଙ୍କର ବିବାହ ବ୍ରହ୍ମଗିରି ଥାନା ଜଗନ୍ନାଥପୁର ଗ୍ରାମର ଜଣେ କନ୍ୟାଙ୍କ ସହ ବିବାହ ଠିକ୍ ହୋଇଥିଲା। ଯୌତୁକ ମଗାଯାଇ ନ ଥିଲା। କନ୍ୟାଙ୍କ ପିତା ତାଙ୍କ ଆଡୁ ୧ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଗତ ୧୦ ତାରିଖରେ ସତ୍ୟ ବରଯାତ୍ରୀ ସହ ବିବାହ ପାଇଁ କନ୍ୟାଘରକୁ ଯାଇଥିଲେ। ତେବେ ପ୍ରଥମ ବରଣ ପରେ ବେଦିକୁ କନ୍ୟା ନ ଆସିବା ସହ ବିବାହ କରିବାକୁ ମନା କରିଥିଲେ। ପରେ କନ୍ୟାଘର ଲୋକେ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ ମାରି ୨୫ ଗ୍ରାମର ସୁନାଚେନ୍ ଛଡ଼ାଇ ନେଇଥିଲେ।



## ସଂକ୍ଷେପରେ

### ୧୩ ବସ୍ତା ଭାଙ୍ଗ ଜବତ : ଜଣେ ଗିରଫ

ଡେଲାଙ୍ଗ,୧୬।୬(ଡି.ଏନ୍.ଏ.)- ଡେଲାଙ୍ଗ ଥାନା ଅଞ୍ଚଳର ଖଣ୍ଡିମଙ୍ଗଳପୁର ଗ୍ରାମରେ ଏକ ପରିତ୍ୟକ୍ତ କୁକୁଡ଼ା ଫାର୍ମରୁ ପିପିଲି ଅବକାରୀ ଥାନା ବିପୁଳ ପରିମାଣରେ ଭାଙ୍ଗ ଜବତ କରିଛି। ଏଥିସହ ଜଣଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଜୟପୁର ଗ୍ରାମର ପବିତ୍ର ପରିଡ଼ା। ଏ ନେଇ ପୋଲିସ ଏକ ମାମଲା (ନଂ.୧୯/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଫନୀ ବାତ୍ୟା ପରଠାରୁ ସ୍ୱର୍ଗତ ପ୍ରଫୁଲ୍ଲ ପ୍ରଧାନଙ୍କ କୁକୁଡ଼ା ଫାର୍ମଟି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଥିଲା। ଫାର୍ମକୁ ସଫା କରିବା ବେଳେ ଏହାକୁ ଲାଗି ଏକ ଆଜ୍‌ବେଷ୍ଟସ୍ ଚାଳିଆ ଘରେ ତାଲା ପଡ଼ିଥିବାର ଦେଖିଥିଲେ। ଏହି ଘରର ତାଲା ଭାଙ୍ଗି ଖୋଲିବା ପରେ ଭାଙ୍ଗ ରହିଥିବା ଦେଖିବାକୁ ପାଇଥିଲେ। ଖବରପାଇ ପିପିଲି ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ରଙ୍କନିଧି ମଲ୍ଲିକ୍ ଓ ଅବକାରୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରୁ ୧୩ ବସ୍ତା ଭାଙ୍ଗ ଜବତ କରିଥିଲେ। ପରେ ତଦନ୍ତ ଚଳାଇବାରୁ ବିଶେଷ ସୂତ୍ରରୁ ପବିତ୍ର ରଖିଥିବା ଜଣାପଡ଼ିଥିଲା। ପୋଲିସ ତାଙ୍କ ଗ୍ରାମରେ ଚଢ଼ାଉ କରି ପବିତ୍ରଙ୍କ ଗିରଫ କରିଥିଲେ।

### ଓଭରହେଡ୍ ପାଣିଟାଙ୍କି ନିର୍ମାଣ ଉପରେ ରହିତାଦେଶ

ଡେଲାଙ୍ଗ,୧୬।୬ (ଡି.ଏନ୍.ଏ.): ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଅରିଶଲ ପଞ୍ଚାୟତର ଓଡ଼ାଲଙ୍ଗ ଗ୍ରାମରେ ଏକ ଓଭରହେଡ୍ ନିର୍ମାଣ କରାଯାଉଥିଲା। ହେଲେ ଏହି ନିର୍ମାଣ ହେଉଥିବା ଟାଙ୍କି ମନ୍ଦିର ସମ୍ପତ୍ତିରେ କରାଯାଉଥିବା ନେଇ ଗ୍ରାମର ଜଣେ ବ୍ୟକ୍ତି ନ୍ୟାୟାଳୟରେ ଅଭିଯୋଗ କରିଥିଲେ। ଫଳରେ ନିର୍ମାଣାଧୀନ ଓଭରହେଡ୍ ଟାଙ୍କି ନିର୍ମାଣ ଉପରେ ନ୍ୟାୟାଳୟ ରୋକ ଲଗାଇଛି। ଟାଙ୍କି ନିର୍ମାଣ ହେଉଥିବା ସ୍ଥାନ ଦେବୋତ୍ତର ସମ୍ପତ୍ତି ହୋଇଥିବାରୁ ଆୟୋଗଙ୍କ ଅନୁମତି ବିନା ଜମିରେ କୌଣସି ନିର୍ମାଣ କରାଯାଇପାରିବ ନାହିଁ ବୋଲି ଆଦେଶପତ୍ରରେ ଉଲ୍ଲେଖ ରହିଛି। ଏନେଇ ରାଜ୍ୟ ଦେବୋତ୍ତର ଆୟୋଗଙ୍କ ପକ୍ଷରୁ ରହିତାଦେଶ ଜାରି କରାଯାଇଛି। ତହସିଲଦାର ଦାୟିତ୍ୱରେ ଦିଲୀପ କୁମାର ଷଡ଼ଙ୍ଗୀ, ରାଜସ୍ୱ ପର୍ଯ୍ୟବେକ୍ଷକ ମନୋରଞ୍ଜନ ମିଶ୍ର, ଜଳ ଓ ପରିମଳ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଆଲୋକ ରଞ୍ଜନ ପଣ୍ଡା କାର୍ଯ୍ୟସ୍ଥଳରେ ପରିଦର୍ଶନ କରିବା ସହିତ ନିର୍ମାଣକୁ ବନ୍ଦ କରିଛନ୍ତି।

### ଶ୍ରୀଜଗନ୍ନାଥ ସେନା ପକ୍ଷରୁ ବିକ୍ଷୋଭ

ପୁରୀ ଅଫିସ,୧୬।୬:ଶ୍ରୀଜଗନ୍ନାଥ ମନ୍ଦିର ଉପରେ ଅଲ ଇଣ୍ଡିଆ ମଜଲିସ୍-ଇ-ଇତେହଦୁଲ୍ ମୁସଲିମର ନେତା ତଥା ହାଇଦ୍ରାବାଦ ଏମ୍‌ପି ଅସାଦୁଦ୍ଦିନ ଓୱାଇସୀଙ୍କ ବିବାଦୀୟ ମନ୍ତବ୍ୟ ପରେ ସାରା ଦେଶରେ ପ୍ରତିକ୍ରିୟା ଦେଖାଦେଇଥିଲା। ଏ ନେଇ ଗତ ୧୩ ତାରିଖରେ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ତାଙ୍କ ବିରୋଧରେ ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଥିଲା। ଗୁରୁବାର ଓୱେସୀଙ୍କୁ ଗିରଫ ଦାବିରେ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକଙ୍କ ନେତୃତ୍ୱରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ତାଙ୍କ ପୋଷ୍ଟର ପୋଡ଼ାଯାଇଛି।

# ଟାର୍ଗେଟ ପୂରୁଛି, ଋଣ ମିଳୁନି

- ଏନ୍‌ପିଏ ବଢ଼ିବା ଭୟରେ ଋଣ ଦେଉନି ବ୍ୟାଙ୍କ
- ପିଏମ୍‌ଇଜିପିର ସଫଳ ରୂପାୟନ ନେଇ ପ୍ରଶ୍ନବାଚୀ

ପୁରୀ ଅଫିସ,୧୬।୬:

ପୁରୀ ଜିଲା ଅର୍ଥନୀତି ମୁଖ୍ୟତଃ ପର୍ଯ୍ୟଟନ ଓ କୃଷି ଉପରେ ନିର୍ଭରଶୀଳ। ଉଦ୍ୟୋଗ ଭଳି କ୍ଷେତ୍ରରେ ପୁରୀ ଜିଲା ଅଗ୍ରଣୀ ହୋଇପାରିନାହିଁ। ଉଦ୍ୟୋଗ କ୍ଷେତ୍ରରେ ଜିଲାକୁ ଆଗକୁ ବଢ଼ାଇବା ପାଇଁ ଯେଉଁ ସାମଗ୍ରିକ ପ୍ରଚେଷ୍ଟା ଆବଶ୍ୟକ ତାହା ଦେଖିବାକୁ ମିଳିପାରୁନାହିଁ। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପ୍ରତିଷ୍ଠା ଲାଗି ଆଗ୍ରହୀ ଯୁବତୀଯୁବକମାନେ ଜିଲା ଶିଳ୍ପ କେନ୍ଦ୍ରରେ ଆବେଦନ କରୁଥିଲେ ମଧ ସବୁ କ୍ଷେତ୍ରରେ ଆର୍ଥିକ ସହାୟତା ପାଇପାରୁନାହାନ୍ତି। ଜିଲା ଶିଳ୍ପକେନ୍ଦ୍ର ପ୍ରତିବର୍ଷ ନିଜ ଟାର୍ଗେଟ ପୂରଣ କରୁଥିବା ଦାବି କରୁଥିଲେ ମଧ ଋଣ ମିଳିବାରେ ସମସ୍ୟା ହେଉଛି। ଫଳରେ ପ୍ରଧାନମନ୍ତ୍ରୀ ନିଯୁକ୍ତି ସୃଜନ କାର୍ଯ୍ୟକ୍ରମ (ପିଏମ୍‌ଇଜିପି)ର ସଫଳ ରୂପାୟନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପୁରୀ ଜିଲାକୁ ଗତ ୨ବର୍ଷ (୨୦୨୦-୨୧ ଓ ୨୦୨୧-୨୨) ହେଲା ବର୍ଷକୁ ୩ଶହ ଲେଖାଏ ନୂଆ ଉଦ୍ୟୋଗକୁ ଋଣ ଅନୁମୋଦନ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ୩୨୦ରୁ ଊର୍ଦ୍ଧ୍ୱ ଉଦ୍ୟୋଗକୁ ଅନୁମୋଦନ ମିଳୁଛି ବୋଲି ଜିଲା ଶିଳ୍ପକେନ୍ଦ୍ରର ଜେନେରାଲ୍ ମ୍ୟାନେଜର ଅମୂଲ୍ୟ ରଥ କହିଛନ୍ତି। ତେବେ ଋଣ ଅନୁମୋଦନରେ ସମସ୍ୟା ହେଉ ନ ଥିଲେ ମଧ ବ୍ୟାଙ୍କଠାରୁ ଋଣ ମିଳିବାରେ ସମସ୍ୟା ହେଉଛି। ବ୍ୟାଙ୍କ ମ୍ୟାନେଜରମାନେ ବିନା ବନ୍ଧକରେ ଋଣ ଦେଉନାହାନ୍ତି। ବ୍ରହ୍ମଗିରିର ସରୋଜ ବରାଳ ନାମକ ଯୁବକ ପିଏମ୍‌ଇଜିପିରେ ଋଣ ସହାୟତା ଆଣି ବେକେରି ପ୍ରଡକ୍ଟ ଫ୍ୟାକ୍ଟ୍ରି କରିବା ପାଇଁ ଜିଲା ଶିଳ୍ପକେନ୍ଦ୍ରରେ ଆବେଦନ କରିଥିଲେ। ପରେ ସମ୍ପୃକ୍ତ ଋଣକୁ ଅନୁମୋଦନ ମିଳିଥିଲେ ମଧ ସ୍ଥାନୀୟ ବ୍ୟାଙ୍କରୁ ତାଙ୍କୁ ଋଣ ମିଳିପାରିଲା ନାହିଁ। ପରିବାରର ଆର୍ଥିକ ସ୍ଥିତି ଦୁର୍ବଳ ଓ ବନ୍ଧକ ରଖିବା ପାଇଁ ସ୍ଥାବର ସମ୍ପତ୍ତି ନ ଥିବାରୁ ଋଣ ମିଳିପାରିଲା ନାହିଁ ବୋଲି ଜଣାପଡ଼ିଛି। ଯଦି ବନ୍ଧକ ନ ରଖିଲେ ଋଣ ମିଳିବ ନାହିଁ ତେବେ ପିଏମ୍‌ଇଜିପିର ଉଦ୍ଦେଶ୍ୟ କିପରି ପୂରଣ ହେବ ବୋଲଇ ସରୋଜ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ଏକ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଅଧିକାରୀ କହିଛନ୍ତି, କେନ୍ଦ୍ର ସରକାର ଋଣ ପ୍ରଦାନ ପାଇଁ କହୁଛନ୍ତି। କିନ୍ତୁ ଋଣ ଅସୁଲ ନ ହୋଇପାରିଲେ ବ୍ୟାଙ୍କ ଉପରେ ଆର୍ଥିକ ଚାପ ବଢ଼ୁଛି। ମୁଦ୍ରା ଯୋଜନାରେ ଆମେ ଶହ ଶହ ଲୋକଙ୍କୁ ଋଣ ଦେଲୁ। ଏବେ ମୁଦ୍ରା ଯୋଜନାରେ ଅନାଦାୟ ଋଣ (ଏନ୍‌ପିଏ) ତାଲିକା ବହୁତ ଲମ୍ବା। ଏହି ଋଣ ଅସୁଲ ପାଇଁ ବିଭାଗର ଚାପ ବଢ଼ୁଥିବାବେଳେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଆମେ ଖୋଜି ପାଉନାହୁଁ। ଅଧିକାଂଶ ରାଜ୍ୟ ବାହାରେ ଥିବା ବିଭିନ୍ନ ସୂତ୍ରରୁ ଖବର ମିଳୁଛି। ଏଭଳି ସ୍ଥିତିରେ ଆମେ କାହାଠାରୁ ଋଣ ଅସୁଲ କରିବୁ। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଉଦ୍ୟୋଗ ମନ୍ତ୍ରଣାଳୟ ପିଏମ୍‌ଇଜିପିରେ ଦେଉଥିବା ଋଣ ପରିମାଣ ଢ଼େର ଅଧିକ। ତେଣୁ ବାଧ ହୋଇ ବ୍ୟାଙ୍କ ଅଧିକାରୀମାନେ ବିନା ବନ୍ଧକରେ ଋଣ ଦେବାକୁ ପଛଘୁଞ୍ଚା ଦେଉଛନ୍ତି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଉଦ୍ୟୋଗପତି ସୁଜିତ୍ ପାତ୍ର କହିଛନ୍ତି, ଉଦ୍ୟୋଗ ଶିଳ୍ପକୁ ଆଗକୁ ନେବାକୁ ହେଲେ ପ୍ରଥମେ ଉଦ୍ୟୋଗପତି ମାନସିକତା ତିଆରି କରିବାର ଆବଶ୍ୟକତା ରହିଛି। ଠିକ ଭାବେ କାଉନସେଲିଂ କରାଯାଇ ଯୁବତୀ ଯୁବକଙ୍କ କାର୍ଯ୍ୟ ଦକ୍ଷତା ଓ ଯୋଜନାର ମାପକ କରିବା ଆବଶ୍ୟକ। ଠିକ୍ ଯୋଜନା ପ୍ରସ୍ତୁତ କରି ଏକ ବ୍ୟବସ୍ଥିତ ଢ଼ଙ୍ଗରେ ବ୍ୟବସାୟ କରିବାକୁ ଆଗ୍ରହୀ ଥିବା ପିଲାଙ୍କୁ ଋଣ ଦେବା ପାଇଁ ବ୍ୟାଙ୍କକୁ ଜିଲା ଶିଳ୍ପ କେନ୍ଦ୍ର ସୁପାରିସ କରିବା ଦରକାର। ଯେକେହି ଉଦ୍ୟୋଗ ପ୍ରତିଷ୍ଠା ଲାଗି ଋଣ ନେବାକୁ ଆସିଲେ, ପ୍ରଥମେ ଉଦ୍ୟୋଗ ସମ୍ପର୍କରେ ସମ୍ପୃକ୍ତ ବ୍ୟକ୍ତିଙ୍କର କେତେ ଗଭୀର ଜ୍ଞାନ ଅଛି ତାହାର ପରୀକ୍ଷା ନିରୀକ୍ଷା ହେବା ଦରକାର। ବିଶେଷ ଭାବେ ଅଧିକାଂଶ ଆବେଦନ ୧୦ରୁ ୧୨ପ୍ରକାର ଉଦ୍ୟୋଗ ପାଇଁ କରାଯାଇଥାଏ। ଏଣୁ ପିଏମ୍‌ଇଜିପି ଅଧୀନରେ କେଉଁ କେଉଁ ଉଦ୍ୟୋଗର ବିକଳ୍ପ ରହିଛି ସେନେଇ ମଧ ବିସ୍ତୃତ ସୂଚନା ଆବେଦନକାରୀଙ୍କୁ ଦିଆଯିବା ଦରକାର ବୋଲି ପାତ୍ର ମତବ୍ୟକ୍ତ କରିଛନ୍ତି।

## ରଥଖଳାରୁ

### ଉଠିଲା ୧୪ ନାହାକା, ଆଜି ଉଠିବ ଢ଼ମକ


ରଥର ପ୍ରଥମ ଭୂଇଁ ଉଠାଯାଉଛି।

ପୁରୀ ଅଫିସ, ୧୬।୬:

ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ଅସ୍ଥାୟୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଜୋରଦାର ଚାଲିଛି। ଗୁରୁବାର ତିନିରଥର ଦଣ୍ଡାରେ ୯ଟି ଲେଖାଏ ଖଦି ଓରାରେ କାପ ସହ ବିନ୍ଧ ହୋଇ କଣ୍ଟା ବସିବା ପରେ ଚାରିନାହାକା ଚତୁଃପାର୍ଶ୍ୱରେ ଚଉଦ ନାହାକା ଉଠିଛି। ଏହି ୧୪ ନାହାକାର ଗଠନ ଶୈଳୀ ମଧ୍ୟରେ ୧୦ଟି ଅଷ୍ଟକୋଣି ୨୦ଫୁଟର ନାହାକା ଏବଂ ୪ଟି ୨୦ ଫୁଟିଆ ସାମାନ୍ୟ ଧନୁପରି ବାଙ୍କ ହୋଇ ବସାଯାଇଛି। ଫଳରେ ରଥର ଗଠନ ଶୈଳୀ ସୁନ୍ଦର ଦେଖାଯିବ। ତିନିରଥର ୧୪ ନାହାକା ଉଠିବା ପରେ ଦୁଇଟି ଭୂଇଁରଥ ଉପରେ ସେଟିଂ ସମ୍ପୂର୍ଣ୍ଣ ହୋଇଛି। ଶୁକ୍ରବାର ତିନି ରଥରେ ଦୁଇଟି ଲେଖାଏ ଢ଼ମକ ଉଠି କଣ୍ଟା ବାଡ଼ିଆ ପରେ ତିନିରଥର ତୃତୀୟ ଭୂଇଁ ସଂଯୋଗ ହୋଇ ପୋଟଳ ଖମ୍ବୀ ଓ ପୋଟଳ ପାରେଣି ଖଞ୍ଜାଯିବ। ବଡ଼-ଧାରା ପୋଟଳ ଓ ତିନି ପରସ୍ତ ପୋଟଳ ନିର୍ମାଣ ସରିଛି। ଏହାର ପ୍ରତିଟି ପରସ୍ତ ଉପରେ ୩/ଅଢେଇ ସାଇଜର ନଦା ବା ବଟନ ଦିଆଯାଇ ତା' ଉପରେ ଦ୍ୱିତୀୟ ପୋଟଳ ପଟା ପଡ଼ିବ। ପଞ୍ଚମ ପୋଟଳ ପରେ ଷଷ୍ଠ ଓ ସପ୍ତମ ପୋଟଳ ପାରାଭାଡ଼ି ଉଠି ଅଷ୍ଟମରୁ ଦ୍ୱାଦଶ ପରସ୍ତ ପୋଟଳ ପରେ ୧୩ତମ ପରସ୍ତ ଖପୁରି ପାରେଣି ବା ଖପୁରି ପରେ କଳସ ଉଠି ତିଳକ କଳସ ଲାଗିଥାଏ। ରୂପକାର ସେବକମାନେ ନାଟଗୋଡ଼ରେ ଗନ୍ଧର୍ବ ରୂପ ଖୋଦେଇ ଜାରି ରଖିଛନ୍ତି। ତିନିରଥର ପାର୍ଶ୍ୱ ଦେବଦେବୀ, ଶିଖର ଡମ୍ବରୁ ଓ ସଖୀ ଇତ୍ୟାଦିରେ ରଙ୍ଗ ଦିଆଯାଉଛି।




ପୁରୀ ସଂସ୍କୃତି ଭବନରେ ଗୁରୁବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ରଜ ମହୋତ୍ସବରେ କଳାକାରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ।


ମହାପ୍ରଭୁ ଜ୍ୱରରେ ପୀଡ଼ିତ ଥିବାରୁ ତାଙ୍କ ପାଇଁ ଦଇତାପତି ସେବକମାନେ ଅଣସରପଣା ପ୍ରସ୍ତୁତ କରୁଛନ୍ତି ।

# ରଜ ପର୍ବ ଗୌରବର ପ୍ରତୀକ

ପୁରୀ ଅଫିସ, ୧୬।୬:

ରଜ ଓଡ଼ିଶାର କେବଳ ଗଣପର୍ବ ନୁହେଁ, ଏହା ଆମ ଐତିହ୍ୟ, ସଂସ୍କୃତି, ପରମ୍ପରର ଗର୍ବ ଓ ଗୌରବର ପ୍ରତୀକ ବୋଲି ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ କହିଛନ୍ତି। ଗୁରୁବାର ସଂସ୍କୃତି ଭବନରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ରଜ ମହୋତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଯୁବପିଢ଼ି ରଜପର୍ବର ମହତ୍ତ୍ୱ ଓ ଗରିମା ସମ୍ପର୍କରେ ଅବଗତ ହେବାକୁ ସେ ପରାମର୍ଶ ଦେଇଥିଲେ। ଉତ୍ସବରେ ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ସଭାପତିତ୍ୱ କରିଥିଲେ। ରଜପର୍ବ ଆମ ଜନଜୀବନ ଓ ଲୋକ ଚରିତ୍ରର ପ୍ରତିଫଳନ କରିଥାଏ। ଏହାର ମହନୀୟତାକୁ ଅନୁଭବ କରି ଆଗାମୀ ପିଢ଼ି ପାଇଁ ଏହାର ସଂରକ୍ଷଣ ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ସ୍ୱାଇଁ କହିଥିଲେ। ଡିଆର୍‌ସିଏସ୍ ଭୀମସେନ ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜ କୁମାର ପ୍ରଧାନ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ଏବଂ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ପ୍ରମୁଖ ଯୋଗଦେଇ ରଜପର୍ବର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସଂସ୍କୃତିପ୍ରେମୀ ଶ୍ୟାମପ୍ରକାଶ ସେନାପତି ସଭା ପରିଚାଳନା କରି ଥିବାବେଳେ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଧନ୍ୟବାଦ ଦେଇଥିଲେ। ପରେ ଶିଳ୍ପୀ ଏଣ୍ଟରଟେନମେଣ୍ଟ, ଲିଙ୍ଗରାଜ କଳା ନିକେତନ, ନଟରାଜ ଡ୍ୟାନ୍ସ ଏକାଡେମୀ, ବନ୍ଦନା ଡ୍ୟାନ୍ସ ସର୍କଲ, ଅନିତା କଳଚରାଲ ଏକାଡେମୀ ଆଦି ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ନାଚଗୀତ, କବିତାରେ ସରିଲା ରଜ ଉତ୍ସବ

ପିପିଲି,୧୬।୬(ଡି.ଏନ.ଏ.)

ଦୀର୍ଘ ଦୁଇ ବର୍ଷର କରୋନା କଟକଣା ପରେ ଚଳିତବର୍ଷ ଗାଁଠାରୁ ସହର ପର୍ଯ୍ୟନ୍ତ ବେଶ୍ ଧୁମଧାମରେ ରଜ ପର୍ବ ପାଳିତ ହୋଇଛି। ପିପିଲିର ସାଇଲାଇଫ ଷ୍ଟାଇଲ ଆପାର୍ଟମେଣ୍ଟରେ ଚାଲିଥିବା ରଜ ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଛି। ତିନିଦିନ ବ୍ୟାପୀ ଆପାର୍ଟମେଣ୍ଟରେ ରହୁଥିବା ଶିଶୁ କନ୍ୟା, ମହିଳା ଓ ଯୁବତୀଙ୍କ ମଧ୍ୟରେ ମେହେନ୍ଦି, ମ୍ୟୁଜିକ ଚେୟାର, ସଙ୍ଗୀତ, ନୃତ୍ୟ, ଅନ୍ତାକ୍ଷରୀ ପ୍ରତିଯୋଗିତା ହୋଇଥିଲା। ଏଥିସହ ଓଡ଼ିଶୀ ନୃତ୍ୟ, ଆଧ୍ୟାତ୍ମିକ ପ୍ରବଚନ, ରଜ କବିତା ପାଠ ଆସର ମଧ ଜମିଥିଲା। ଆୟସା ବିଶ୍ୱାଳ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିବାବେଳେ ଗୀତାଞ୍ଜଳି ମିଶ୍ରଙ୍କ ରଜ କବିତା ଅନ୍ତେବାସୀଙ୍କୁ ବିଭୋର କରିଥିଲା। କଣ୍ଠଶିଳ୍ପୀ ପୁଷ୍ପଲତା ପଣ୍ଡା ଭଜନ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମଧୁସ୍ମିତା ପଟ୍ଟନାୟକ ଓ ସୁଚିସ୍ମିତା ପଟ୍ଟନାୟକ ସଂଯୋଜନା କରିଥିବାବେଳେ ସୌଦାମିନୀ ପ୍ରଧାନ, ଶ୍ରୀୟା ମହାପାତ୍ର, ସିପ୍ରା ମିଶ୍ର ସହଯୋଗ କରିଥିଲେ।

# ବାଲୁଖଣ୍ଡରେ ୫ ଏକର ଜଙ୍ଗଲ ଜଳିଗଲା

- ଗାତ ଖୋଳି ପାଣି ଆଣି ନିଆଁ ଲିଭାଇଲେ ଅଗ୍ନିଶମ କର୍ମଚାରୀ
- ଅଗ୍ନିକାଣ୍ଡର ୨୪ ଘଣ୍ଟା ପରେ ବି କାରଣ ଜଣାପଡ଼ିନି

ପୁରୀ ଅଫିସ,୧୬।୬:

କୋଣାର୍କ ବନଖଣ୍ଡ ଅଧୀନ ବାଲୁଖଣ୍ଡ ଅଭୟାରଣ୍ୟ ଓ କୁରୁଜଙ୍ଗ ସେକ୍ସନରେ ବୁଧବାର ସନ୍ଧ୍ୟାରେ ଲାଗିଥିବା ନିଆଁ ଗୁରୁବାର ଭୋର ୪ଟା ବେଳକୁ ଆୟତ୍ତ ହୋଇଥିଲା। ବନଖଣ୍ଡ ଅଧିକାରୀ ଓ କର୍ମଚାରୀ, ଅଗ୍ନିଶମ ଅଧିକାରୀ ଏବଂ ସ୍ଥାନୀୟ ଲୋକଙ୍କ ମିଳିତ ଉଦ୍ୟମରେ ନିଆଁକୁ ବହୁକଷ୍ଟରେ ଆୟତ୍ତ କରାଯାଇଥିବା ଜିଲା ବନ ଅଧିକାରୀ ରାମସ୍ୱାମୀ କହିଛନ୍ତି। ସେ କହିଛନ୍ତି, ଜଙ୍ଗଲରେ ନିଆଁ ଲାଗିଥିବା ଖବର ମିଳିବା ପରେ ତୁରନ୍ତ ଅଗ୍ନିଶମ ବିଭାଗକୁ ସୂଚନା ଦିଆଯାଇଥିଲା। ଘଟଣାସ୍ଥଳରେ ଦମକଳ ପହଞ୍ଚିଥିଲେ ବି ଯିବାକୁ ଜଙ୍ଗଲ ଭିତରେ ରାସ୍ତା ନ ଥିଲା। ଫଳରେ ଅଗ୍ନିଶମ କର୍ମଚାରୀମାନେ ସେଠାରେ ଜେସିବି ସହାୟତାରେ ୧୫ ଫୁଟ୍‌ର ଗାତ ଖୋଳି ପାଇପ୍ ଲଗାଇ ପାଣି ବାହାର କରିଥିଲେ। ସେହି ପାଣିରେ ନିଆଁ ଲିଭାଯାଇଥିଲା। ନିଆଁରେ ୫ ଏକରରୁ ଊର୍ଦ୍ଧ୍ୱ ଏକର ଜଙ୍ଗଲରେ ଗଛଲତା ପୋଡ଼ି ନଷ୍ଟ ହୋଇଯାଇଥିଲେ ମଧ କୌଣସି ଜୀବଜନ୍ତୁଙ୍କ ଜୀବନ ହାନି ହୋଇନାହିଁ।

## କଳାକାର କାଶୀନାଥଙ୍କ ଜୀବନୀ ପୁସ୍ତକ ଉନ୍ମୋଚିତ

ପିପିଲି,୧୬।୬(ସ୍ୱ.ପ୍ର./ଡି.ଏନ.ଏ.)

ପିପିଲି ସାଂସ୍କୃତିକ ପରିଷଦ ପକ୍ଷରୁ ଶତାବ୍ଦୀ କଳାକାର କାଶୀନାଥ ସାହୁଙ୍କ ଜୀବନୀ ଉପରେ ଲିଖିତ ପୁସ୍ତକ 'କାଶୀନାଥ ସାହୁଙ୍କ ଜୀବନୀ ଓ କାର୍ଯ୍ୟଧାରାର ଏକ ଝଲକ' ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ଜଇସପାଟଣାସ୍ଥିତ ଶାନ୍ତି ମଇଦାନରେ ଆୟୋଜିତ ପୁସ୍ତକ ଉନ୍ମୋଚନ ଓ ରଜ ଉତ୍ସବ ପାଳନ କାର୍ଯ୍ୟକ୍ରମରେ ପିପିଲି ସାଂସ୍କୃତିକ ପରିଷଦର ମୁଖ୍ୟ ଉପଦେଷ୍ଟା ଲ୍ୟୁଟନାଣ୍ଟ ଜେନେରାଲ ନାରାୟଣ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ମିଶ୍ର, ବୈଜ୍ଞାନିକ ପୋଥୁଲା ଶ୍ରୀନିବାସ ବ୍ରହ୍ମାନନ୍ଦ, ସୋଆ ବିଶ୍ୱବିଦ୍ୟାଳୟର କୁଳପତି ଡ. ଅଶୋକ ମହାପାତ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ କାଶୀନାଥ ସାହୁଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। କାଶୀନାଥଙ୍କ ଜୀବନୀ ପୁସ୍ତକ ଓ 'ଗଙ୍ଗୁଆନଦୀର ବାସ୍ତବ ରୂପରେଖ, ସ୍ଥିତି, ପ୍ରବାହ ଏବଂ ଦୟାନଦୀରେ ଏହାର ବିଲୟ' ଶୀର୍ଷକ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଗଙ୍ଗୁଆ ନଦୀ ପ୍ରଦୂଷଣ ଉପରେ ପରିଷଦର ସହସମ୍ପାଦକ ଦୀନବନ୍ଧୁ ବେହୁରା ଏକ ରିପୋର୍ଟ ଉପସ୍ଥାପନ କରିଥିଲେ। ପରିଷଦର ମୁଖ୍ୟ ସମ୍ପାଦକ ରମେଶ ଚନ୍ଦ୍ର ମହାପାତ୍ର ବିବରଣୀ ପାଠ ଓ ସୁଦର୍ଶନ ମିଶ୍ର, ଶିକ୍ଷାବିତ୍ ହେମନ୍ତ ପ୍ରଧାନ କାର୍ଯ୍ୟକୁ ପରିଚାଳନା କରିଥିଲେ। ଅଧ୍ୟାପକ ଶଙ୍କର ପ୍ରସାଦ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ପରିତ୍ୟକ୍ତ ଗୃହ ଭଙ୍ଗାଯିବା ବେଳେ ଉତ୍ତେଜନା

ଗୋପ,୧୬।୬(ଡି.ଏନ୍.ଏ.)


ବ୍ଲକ କାର୍ଯ୍ୟାଳୟରେ ଆଲୋଚନା ଚାଲିଛି ।

ଗୋପ ବ୍ଲକ ଅନ୍ତର୍ଗତ ବଉଳାଙ୍ଗ ପଞ୍ଚାୟତର କେତେକ ପରିତ୍ୟକ୍ତ ଗୃହକୁ ଗୁରୁବାର ପ୍ରଶାସନ ପକ୍ଷରୁ ଭଙ୍ଗାଯାଉଥିଲା। ହେଲେ ଏହା ବେଆଇନ ଭାବେ ଭଙ୍ଗାଯାଉଥିବା ନେଇ ଗ୍ରାମର ପୂର୍ବତନ ବିଧାୟକଙ୍କ ସମେତ କେତେଜଣ ବ୍ୟକ୍ତି ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପ୍ରଶାସନ ପକ୍ଷରୁ ଏକ ଟିମ୍ ପହଞ୍ଚି ତଦନ୍ତ କରିବା ସମୟରେ ପରିସ୍ଥିତି ଉତ୍ତେଜନା ଦେଖାଯାଇଥିଲା। ସୂଚନା ଅନୁଯାୟୀ, ବଉଳାଙ୍ଗ ପଞ୍ଚାୟତରେ ଦୀର୍ଘଦିନ ଧରି ପଞ୍ଚାୟତ କାର୍ଯ୍ୟାଳୟଟି ପରିତ୍ୟକ୍ତ ଅବସ୍ଥାରେ ଥିବାରୁ ସମସ୍ତ ସଭ୍ୟାସଭ୍ୟଙ୍କୁ ନେଇ ମେ ୧୧ରେ ସରପଞ୍ଚ ନରହରି ଦଳାଇ ଏକ ବୈଠକ କରିଥିଲେ। ଏଥିସହ ସରକାରୀ ନିୟମ ମୁତାବକ ସିଏଫ୍‌ସି ଯୋଜନାରେ ପରିତ୍ୟକ୍ତ ଗୃହ ଭାଙ୍ଗିବା ନିମନ୍ତେ ବ୍ଲକ କାର୍ଯ୍ୟାଦେଶ ନମ୍ବର ୬୫୪ରେ ୧୦ ଲକ୍ଷ ଟଙ୍କା ମଞ୍ଜୁର କରାଇଥିଲେ। ସେହି ନିୟମ ଅନୁସାରେ ଉକ୍ତ ଗୃହକୁ ଭଙ୍ଗାଯାଉଥିଲା। ହେଲେ ପଞ୍ଚାୟତର କେତେଜଣ ବ୍ୟକ୍ତି ଏହି କାର୍ଯ୍ୟକୁ ବିରୋଧ କରିଥିଲେ। ଏପରିକି ଗୁରୁବାର ଏହା ବିରୋଧରେ ପୂର୍ବତନ ବିଧାୟକ ବାଇଧର ମଲ୍ଲିକଙ୍କ ସହ ମିଶି କେତେଜଣ ଅଭିଯୋଗ କରିଥିଲେ। ବିଡିଓ ଦୀପ୍ତିରାଣୀ ଦାସ ଅଭିଯୋଗ ପାଇ ବ୍ଲକର ଅତିରିକ୍ତ ବିଡିଓ ଦୀପକ ସାହୁ, ସହକାରୀ ଯନ୍ତ୍ରୀ ଅଶୋକ ପୃଷ୍ଟି, କନିଷ୍ଠ ଯନ୍ତ୍ରୀ ଭବାନୀ ଶଙ୍କର ପୋଥାଳଙ୍କୁ ଉକ୍ତ କାର୍ଯ୍ୟର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ହେଲେ ପୂର୍ବତନ ବିଧାୟକ ମଲ୍ଲିକ ଉକ୍ତ ପଞ୍ଚାୟତରେ ବିଭିନ୍ନ ଦୁର୍ନୀତି ହେଉଥିବା ନେଇ ବିଡିଓଙ୍କ କାର୍ଯ୍ୟାଳୟରେ ବସି ତଦନ୍ତ ଦାବି କରିଥିଲେ। ଫଳରେ ତତ୍‌କ୍ଷଣାତ୍ ବଉଳାଙ୍ଗ ପଞ୍ଚାୟତରେ ଏହି ତଦନ୍ତ ଟିମ୍ ପହଞ୍ଚିଥିଲେ। କିନ୍ତୁ ପୂର୍ବତନ ବିଧାୟକଙ୍କ କେତେଜଣ ସମର୍ଥକ ସେଠାରେ ପହଞ୍ଚିବାରୁ ତଦନ୍ତକାରୀ ଟିମ୍ ସହ ସେମାନଙ୍କ କଥା କଟାକଟି ହେବାରୁ କିଛି ସମୟ ପାଇଁ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ତଦନ୍ତ ଟିମ୍ ସେଠାରୁ ଫେରି ରିପୋର୍ଟ ବିଡିଓଙ୍କୁ ଦେଇଛନ୍ତି। ଏ ଘଟଣାକୁ ନେଇ ପୂର୍ବତନ ବିଧାୟକ ମଲ୍ଲିକ କୁହନ୍ତି, ବଉଳାଙ୍ଗ ପଞ୍ଚାୟତରେ ବିଭିନ୍ନ ଯୋଜନାରେ ଦୁର୍ନୀତି ହୋଇଥିବା କହିଥିବାବେଳେ ଅନ୍ୟ କଥାକୁ ଏଡାଇ ଦେଇଥିଲେ। ଅପରପକ୍ଷେ ବିଡିଓ ଦାସ କୁହନ୍ତି, ବ୍ଲକରେ ସମସ୍ତ ସରକାରୀ ଯୋଜନା ନିୟମ ଅନୁସାରେ କରାଯାଇଛି। ବଉଳାଙ୍ଗ ପଞ୍ଚାୟତରେ ମଧ ନିୟମରେ ସବୁ କାର୍ଯ୍ୟ କରାଯାଇଛି।

### ଉଚ୍ଛେଦ କାର୍ଯ୍ୟକୁ ବିରୋଧ

# ଘୋଡ଼ାନାଚ, ପାଇକ ଆଖଡ଼ାରେ କମ୍ପିଲା ଭଗବତୀ ପୀଠ

କୋଣାର୍କ,୧୬।୬(ଡି.ଏନ୍.ଏ.)

### କୋଣାର୍କ ରଜ ଉତ୍ସବ ୩ୟ ଦିବସ

ସାମାଜିକ ଅନୁଷ୍ଠାନ ଅର୍କଶ୍ରୀ ପକ୍ଷରୁ ଆୟୋଜିତ ହେଉଥିବା ୨୩ତମ କୋଣାର୍କ ରଜ ଉତ୍ସବର ୩ୟ ଦିବସରେ ଭଗବତୀ ପୀଠ ଉତ୍ସବ ମୁଖର ହୋଇପଡ଼ିଥିଲା। ମା ଭଗବତୀଙ୍କୁ ଦର୍ଶନ କରି ରଜ ଦୋଳି ଖେଳିବା ସହିତ ନୃତ୍ୟ ଗୀତର ମଜା ନେଇଥିଲେ। ୩ୟ ଦିବସର ମଧ୍ୟାହ୍ନରେ ସାହିତ୍ୟ ଆସର, ଭଜନ ପରିବେଷଣ, ଓଡିଶୀ ନୃତ୍ୟ, ଘୋଡ଼ା ନାଚ ସାଂଗକୁ ପାଇକ ଆଖଡ଼ା ବେଶ ଆକର୍ଷଣ ସାଜିଥିଲା। ଘୋଡାନାଚ ଓ ପାଇକ ଆଖଡାରେ ଭଗବତୀ ପୀଠ କମ୍ପିଥିଲା। ସନ୍ଧ୍ୟାରେ ଅର୍କଶ୍ରୀ ସମ୍ପାଦକ ଉମେଶ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ଶିକ୍ଷାବିତ ପ୍ରକାଶ ଚନ୍ଦ୍ର ଖଟୋଇ, ଶିକ୍ଷାବିତ ପ୍ରକାଶ ଚନ୍ଦ୍ର ପରିଡା, କୋଣାର୍କ ଏନ୍‌ଏସି ଉପାଧ୍ୟକ୍ଷ ସୁରେଶ ଚନ୍ଦ୍ର ରାଉତରାୟ ପ୍ରମୁଖ ଯୋଗଦେଇ ରଜ ପର୍ବ, ଓଡ଼ିଆ ସଂସ୍କୃତି ଓ ପରମ୍ପରା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ତିନି ଦିନ ଧରି ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ସଫଳ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରତାପ ରାଉତ ସଂଯୋଜନା କରିଥିବା ବେଳେ ଶିକ୍ଷାବିତ ଗନ୍ଧର୍ବସେନାପତି, ସୁରେଶ ସ୍ୱାଇଁ, ପଞ୍ଚାନନ ବରାଳ ପ୍ରମୁଖ ପରିଚାଳନା କରିଥିଲେ।


ଉତ୍ସବରେ ଘୋଡ଼ାନାଚ ପରିବେଷଣ କରାଯାଉଛି ।



ଉତ୍ସବରେ ମଞ୍ଚାସୀନ ଅତିଥିଙ୍କ ସହ ଅନ୍ୟମାନେ ।

## ୩ ପରିବାରର ୮ବଖରା ଜଳିଗଲା

ନିମାପଡ଼ା,(ଡି.ଏନ.ଏ.): ନିମାପଡ଼ା ଥାନା ଚଅଁରପଦା ପଞ୍ଚାୟତର ନିଆଁଗୋରଡ଼ା ଗ୍ରାମର ଉଲାସ ଜେନାଙ୍କ ଘରେ ଗୁରୁବାର ଅଗ୍ନିକାଣ୍ଡ ଘଟି ୨ ବଖରା ଭସ୍ମୀଭୂତ ହୋଇଯାଇଛି। ଅଗ୍ନିକାଣ୍ଡରେ ୫ହଜାର ଟଙ୍କା ସମେତ ଲକ୍ଷାଧିକ ଟଙ୍କାର ବିଭିନ୍ନ ଆସବାବପତ୍ର ନଷ୍ଟ ହୋଇଯାଇଛି। ଖବର ପାଇ ନିମାପଡ଼ା ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆଢେ଼ କରିଥିଲେ। ସେହିପରି ବୁଧବାର ରାତିରେ ଚାରିଛକ ଫାଣ୍ଡି ତୁଳସୀପୁର ପଞ୍ଚାୟତର ତେନ୍ତୁଳିଗୁଆଁ ଗ୍ରାମର ଲକ୍ଷ୍ମୀଧର ମହାନ୍ତିଙ୍କ ଘରେ ଅଗ୍ନିକାଣ୍ଡ ଘଟି ୩ ବଖରା ଜଳିଯିବା ସହ ଲକ୍ଷାଧିକ ଟଙ୍କା ମୂଲ୍ୟର ବିଭିନ୍ନ ଆସବାବପତ୍ର ନଷ୍ଟ ହୋଇଯାଇଛି। ନୂଆଶାସନ ଗ୍ରାମ ସନ୍ତୋଷ ବେହେରାଙ୍କ ୩ଟି ଘର ମଧ ଅଗ୍ନିକାଣ୍ଡରେ ଜଳିଯାଇଛି।

## ସଂକ୍ଷେପରେ

### ବାଲସିଂହରେ ବୋମାମାଡ଼ ଘଟଣା, ୨ ଗିରଫ

ବୋଲଗଡ଼,୧୬।୬(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ବାଂକୋଇ ଫାଣ୍ଡି ଅନ୍ତର୍ଗତ ବାଲସିଂହ ଗ୍ରାମରେ ମଙ୍ଗଳବାର ରାତିରେ ଘଟିଥିବା ବୋମାମାଡ଼ ଘଟଣାରେ ଅଟକ ଥିବା ୨ ଯୁବକଙ୍କୁ ଗିରଫ କରାଯାଇ ଗୁରୁବାର ଖୋର୍ଦ୍ଧା କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ସେହି ଗ୍ରାମର ପଦ୍ମନାଭ ରାଉତ(୪୩) ଓ ସୁଶାନ୍ତ ପ୍ରଧାନ (୪୨)। ବୋଲଗଡ଼ ଥାନା ଆଇଆଇସି ବିଦିତା ନାୟକଙ୍କ ସୂଚନା ଅନୁସାରେ, ପୂର୍ବ ଆକ୍ରୋଶକୁ ନେଇ ଗ୍ରାମରେ ୨ଟି ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇ ପରବର୍ତ୍ତୀ ମୁହୂର୍ତ୍ତରେ ବୋମାମାଡ଼ ହୋଇଥିଲା। ଏ ନେଇ ଗ୍ରାମର ମଧୁସ୍ମିତା ରାଉତ ଅଭିଯୋଗ କରିଥିବା ବେଳେ ଅନ୍ୟପଟେ ମାଳତି ପରିଡ଼ା ମଧ ଏକ ପାଲଟା ଅଭିଯୋଗ କରିଥିଲେ। ପୋଲିସ ୨ଟି ଅଭିଯୋଗକୁ ଭିତ୍ତି କରି ପୃଥକ୍ ଦୁଇଟି ମାମଲା (ନଂ. ୧୫୬, ୧୫୭/୨୨) ରୁଜୁ କରି ଘଟଣାର ତଦନ୍ତ ଚାଲିଥିଲା। ବୁଧବାର ପୋଲିସ ବୋମା ନିଷ୍କ୍ରିୟକାରୀ ଦଳ ସହାୟତାରେ ବୋମାମାଡ଼ ସ୍ଥଳରେ ପହଞ୍ଚି ଗୋଟିଏ ଅଫୁଟା ବୋମା ଜବତ କରିବା ସହ ତଦନ୍ତ କରି ଉଭୟ ପକ୍ଷରୁ ଦୁଇ ଜଣଙ୍କୁ ଥାନାରେ ଅଟକ ରଖିଥିଲା। ସେମାନଙ୍କୁ ପଚରାଉଚରା କରିଥିବାବେଳେ ଗୁରୁବାର ଗିରଫ କରାଯାଇଛି। ତେବେ ଏହି ବୋମାମାଡ଼ ଘଟଣାରେ ୨ଜଣ ଗୁରୁତର ଆହତ ହୋଇ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ବେଳେ ଜଣେ ନାବାଳିକା ସମେତ ୨ ଜଣ ଆହତ ହୋଇଥିଲେ।

### ମଦନପୁରରେ ୪ଦିନ ରଜ ଉତ୍ସବ

ଯାଆଁଳା,୧୬।୬(ଡି.ଏନ.ଏ.): ଭୁବନେଶ୍ୱର ଉପକଣ୍ଠ ମଦନପୁର ଅଞ୍ଚଳରେ ୪ଦିନ ଧରି ରଜ ମହୋତ୍ସବ ପାଳନ ହୋଇଛି। ଉତ୍ସବର ପ୍ରଥମ ଦିନରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବା ସହ ଦୋଳି ଖେଳିଥିଲେ। ଦ୍ୱିତୀୟ ଦିନରେ ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟ ଯୋଗଦେଇ ଆମ ଓଡ଼ିଶାର ପରମ୍ପରାକୁ କିଭଳି ଆଗକୁ ଅଗ୍ରଗତି କରାଯିବ ସେନେଇ ଅନୁଷ୍ଠିତ ସଭାରେ ଅଭିଭାଷଣ ରଖିଥିଲେ। ଝୋଟି ପ୍ରତିଯୋଗିତା, ତାସ ପାଲି, କବାଡି, ମ୍ୟୁଜିକ ଚେୟାର ପ୍ରତିଯୋଗିତା ଆୟୋଜନ ସହ ରଜ ମଉଜର ଆନନ୍ଦ ନେଉଛନ୍ତି ଅଞ୍ଚଳବାସୀ। ଛେନୁଶେଖର ପଟ୍ଟନାୟକଙ୍କ ଦ୍ୱାରା ମହୋତ୍ସବ ଆୟୋଜିତ ହୋଇଥିବାବେଳେ ନବଜ୍ୟୋତି କ୍ଲବ ସଦସ୍ୟ ସହଯୋଗ କରିଥିଲେ। ଅତିଥି ଭାବେ ସମିତିସଭ୍ୟ ଅଜିତ ସାମନ୍ତରାୟ, ଖୋର୍ଦ୍ଧା ବିଜେଡି ସାଧାରଣ ସମ୍ପାଦକ ସନ୍ତୋଷ ଜେନା, ଜଟଣୀ ଚେୟାରମ୍ୟାନ ବିଜୁ ଛୋଟରାୟ ପ୍ରମୁଖ ଯୋଗଦେଇଥିଲେ। ଉତ୍ସବର ଶେଷ ଦିନରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ନାରୀ, ପ୍ରକୃତି ଉପାସନାର ଅନନ୍ୟ ପରମ୍ପରା ରଜ

ଖୋର୍ଦ୍ଧା ଅଫିସ,୧୬।୬

**ରଜ ମହୋତ୍ସବ ଦ୍ୱିତୀୟ ଦିନ**

ଉତ୍କଳୀୟ ସଂସ୍କୃତି, ପରମ୍ପରାର ପ୍ରତୀକ ହେଉଛି ରଜ ପର୍ବ। ଓଡ଼ିଶାର ଏକ କୃଷିଭିତ୍ତିକ ପର୍ବ। ଏହି ପର୍ବ ଏକ ଆଧ୍ୟାତ୍ମିକ ଓ ମମତା ଭାବଧାରାରେ ମାଟି ମା'କୁ ନାରୀଟିଏ ଭଳି କଳ୍ପନା କରାଯାଏ। ସେହି ମାଟି ମା' ରଜସ୍ୱଳା ହେବାର ପରମ୍ପରା, ଆମ ମହାନ୍ ସଂସ୍କୃତିର ପରିଚୟ ବହନ କରେ। ପରସ୍ପର ମଧ୍ୟରେ ସ୍ନେହ, ଶ୍ରଦ୍ଧା ସମ୍ପର୍କର ବନ୍ଧନକୁ ରଜ ସୁଦୃଢ଼ କରିଥାଏ ବୋଲି ଓଡ଼ିଶା ମୋ ପରିବାର ରାଜ୍ୟ ଅଧ୍ୟକ୍ଷ ଅରୂପ ପଟ୍ଟନାୟକ କହିଛନ୍ତି। ଖୋର୍ଦ୍ଧା ଜିଲା ପ୍ରଶାସନ ଏବଂ ସାମାଜିକ ସାଂସ୍କୃତିକ ସଙ୍ଗଠନ ଦିଶାନ୍ତର ମିଳିତ ଆନୁକୂଲ୍ୟରେ ବରୁଣେଇ ପାଦଦେଶରେ ଚାଲିଥିବା ୧୪ତମ ରଜ ମହୋତ୍ସବର ଦ୍ୱିତୀୟ ଦିନରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପଟ୍ଟନାୟକ ଉପରୋକ୍ତ କଥା କହିଥିଲେ। ମହୋତ୍ସବର ସଭାପତି ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ସଭାପତିତ୍ୱ କରି କହିଥିଲେ, ପୃଥିବୀକୁ ମା' ବୋଲି ସମ୍ବୋଧନ କରି ବର୍ଷାର ଆଗମନରେ ମାଟି ମା' ରଜସ୍ୱଳା ହେବା ଓ ନୂତନ ଶସ୍ୟ ଜନ୍ମ ହେବାର ସଙ୍କେତ ପ୍ରଦାନ କରିଥାଏ ବୋଲି କହିଥିଲେ। ଜିଲା ପରିଷଦ ଅଧ୍ୟକ୍ଷ ରୂପଶ୍ରୀ ରାଣୀ ଗୁମାନସିଂ କହିଲେ, କୁଆଁରୀ ଝିଅ ତଥା ନାରୀ ଓ ପ୍ରକୃତି ଉପାସନାର ଏକ ଅନନ୍ୟ ପର୍ବ ହେଉଛି ରଜ ବୋଲି ସେ କହିଥିଲେ। ଓଡ଼ିଶା ମୋ ପରିବାର ଜିଲା ସଂଯୋଜକ ଦିଲୀପ କୁମାର ହୋତା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଦିଶାନ୍ତର ସମ୍ପାଦକ ଦିଲୀପ ପରିଡା ଅତିଥି ପରିଚୟ, ଉପସଭାପତି ନିରଞ୍ଜନ ନାୟକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଝୋଟି ପ୍ରତିଯୋଗିତାରେ ଲକ୍ଷ୍ମୀପ୍ରିୟା ରାଉତ ପ୍ରଥମ, ରିଙ୍କିସ୍ମିତା ମଣ୍ଡଳ ଓ ଲକ୍ଷ୍ମୀ ରାଉତ ଦ୍ୱିତୀୟ ଏବଂ ବିନୋଦିନୀ ସାହୁ ଓ ଚାନ୍ଦିନୀ ରାୟ ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାରୀ କରି ଅତିଥିଙ୍କଠାରୁ ପୁରସ୍କୃତ ହୋଇଥିଲେ। ସେହିପରି ବିଭିନ୍ନ ପ୍ରତିଯୋଗିତାରେ ପୁରୁଷଙ୍କୁ ମଧ ପୁରସ୍କୃତ କରାଯାଇଛି। ଏହି ଅବସରରେ ଲରେନ୍ସ ଡ୍ୟାନ୍ସ ଗ୍ରୁପ, ରକି ଡ୍ୟାନ୍ସ ଗ୍ରୁପ ପକ୍ଷରୁ ମା' ମଙ୍ଗଳା ରାଣୀ ପାଇକ ଆଖଡା ପ୍ରମୁଖ କଳା ପ୍ରଦର୍ଶନ କରିଥିଲେ। ପାଇକ ଆଖଡା ପାଇକ ବିଦ୍ରୋହର ସ୍ମୃତିକୁ ତାଜା କରିଥିଲା। ଅନୁଷ୍ଠାନ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

## ରଙ୍ଗବତୀ ନୃତ୍ୟରେ ଦର୍ଶକ ବିଭୋର

ନିରାକାରପୁର,୧୬।୬(ଡି.ଏନ୍.ଏ.)


ରଜ ମହୋତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**ମା' ଉଗ୍ରତାରାଙ୍କ ରଜ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ସାନରାଉତପଡା ପଞ୍ଚାୟତ ମୂଳୀଝରଗଡ ହାତିଆଶୁଣୀ ପାହାଡ ପାଦଦେଶରେ ଥିବା ମା' ଉଗ୍ରତାରାଙ୍କ ପୀଠରେ ପର୍ବଶାସନ ଆନୁକୂଲ୍ୟରେ ଚାଲିଥିବା ମା' ଉଗ୍ରତାରା ମହୋତ୍ସବର ଗୁରୁବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ହୋଇଥିବା ବେଳେ କଳାକାରଙ୍କ ରଙ୍ଗବତୀ ନୃତ୍ୟରେ ଉପସ୍ଥିତ ଦର୍ଶକ ବିଭୋର ହୋଇଥିଲେ। ଉତ୍ସବରେ ଟାଙ୍ଗୀ ତହସିଲଦାର ଶ୍ରୁତିରଞ୍ଜନ ଶତପଥୀ, ବିଡିଓ ଐଶ୍ୱରିୟା ସାମନ୍ତରାୟ, ଜିଲା ପରିଷଦ ସଭାପତି ରୂପଶ୍ରୀରାଣୀ ଗୁମାନସିଂହ, ଉପସଭାପତି ଗୋପୀନାଥ ମହାରଣା, ୯ନଂ. ଜୋନର ଜିଲା ପରିଷଦ ସଭ୍ୟା ମିତାଞ୍ଜଳି ବଳିଆରସିଂହ, ୧୧ନଂ. ଜୋନର ଜିଲା ପରିଷଦ ସଭ୍ୟା ଅନସୂୟା ବେହେରା, ୧୦ନଂ. ଜିଲା ପରିଷଦ ସଭ୍ୟ ବିଜୟ ଜେନା, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷ ଦୁର୍ଗାନାଥ ଶର୍ମା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହାପରେ ସ୍ଥାନୀୟ ଅଞ୍ଚଳର ପ୍ରତିଭାମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଗୀତ ନାଚ ପରିବେଷଣ ହୋଇଥିଲା। ନିରାକାରପୁର ସାଇ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ସମ୍ବଲପୁରୀ ରଙ୍ଗବତୀ ନୃତ୍ୟ ପରିବେଷିତ ହୋଇଥିଲା। ପୂର୍ବତନ ସରପଞ୍ଚ ଗୋବିନ୍ଦ ରାଉତରାୟ, ସ୍ୱଦେଶ ରାଉତରାୟ ଓ ଅଜୟ ଛୋଟରାୟ ପ୍ରମୁଖ ଏହାକୁ ସହଯୋଗ କରିଥିଲେ।

## ଖେଳକୁଦ, ହସମଜାରେ କଟିଲା ରଜ

ଖୋର୍ଦ୍ଧା ଅଫିସ,୧୬।୬

ତିନିଦିନ ଧରି ଚାଲିଥିବା ଉତ୍କଳୀୟ ସଂସ୍କୃତି ପରମ୍ପରାର ଗଣପର୍ବ ଗୁରୁବାର ସମାପନ ହୋଇଛି। ଚଳିତ ବର୍ଷ ଠୋଙ୍ଗାହାଟ ସ୍ଥିତ ମେଳଣପଡ଼ିଆରେ ମହବୀର ୟୁଥ୍ କ୍ଲବ ତରଫରୁ ଚାଲିଥିବା ତୃତୀୟ ରଜ ମହୋସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବିଜେଡି ଜିଲା ସାଧାରଣ ସମ୍ପାଦକ ଲଳିତ ମୋହନ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ମହୋତ୍ସବରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟଅତିଥି, କାଉନସିଲର କମଲ ପ୍ରଧାନ, ସୁଶାନ୍ତ କୁମାର ଜେନା, କାଦମ୍ବିନୀ ରାଉତ, ଅଭିଷେକ ସିଂ ସାମନ୍ତ, ସାମାଜିକ କର୍ମୀ ପ୍ରକାଶ କୁମାର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ବିଧାୟକ ମିତ୍ର ଏବଂ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସୁବ୍ରତ ପ୍ରସାଦ ବାରିକ, ରଘୁନାଥ ପଣ୍ଡା, ଶରତ ବେହେରା, ଆଶୀର୍ବାଦ ବେହେରା ଏବଂ ରାଜେଶ କୁମାର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ରାନ୍ତିରେ ଲାଗି ହେଲା ଆମିଷ ଭୋଗ


କୋଶଳାଶୁଣୀ ପୀଠରେ ରଜ ମହୋତ୍ସବରେ ଘୋଡ଼ାନାଚ ପରିବେଷଣ ହେଉଛି।

ବୋଲଗଡ,୧୬।୬(ଡି.ଏନ.ଏ.)

**କୋଶଳାଶୁଣୀ ପୀଠରେ ରଜ ଉତ୍ସବ**

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ବୋଲଗଡ, ଆରିକମା, ସଂପୁର, କପାସିଆ ଅସରଳା ଆଦି ଗ୍ରାମରେ ଯାତ୍ରା, ନାଟକ ଓ ବିଭିନ୍ନ ଖେଳ ପ୍ରତିଯୋଗିତା ସହ ସାମୂହିକ ଦୋଳିର ବ୍ୟବସ୍ଥା କରାଯାଇଛି। ତେବେ ଆରିକମା ନିକଟ ଘଞ୍ଚ ଶାଳ ଜଙ୍ଗଲ ମଧ୍ୟରେ ଅବସ୍ଥିତ ମା' କୋଶଳାଶୁଣୀ ପୀଠରେ ରଜ ଯାତ୍ରା ଭିନ୍ନଧରଣରେ ପାଳିତ ହୋଇଯାଇଛି। ସାଧାରଣତଃ ସଂକ୍ରାନ୍ତି ଦିନରେ ଆମିଷ ଭକ୍ଷଣ ବାରଣ ଥିବାବେଳେ ଏଠାରେ କିନ୍ତୁ ରଜ ଉତ୍ସବ ସମୟରେ ଦେବୀଙ୍କୁ ଆମିଷ ଭୋଗଲାଗି କରାଯାଇ ପ୍ରସାଦ ରୂପେ ଭକ୍ତଙ୍କୁ ବଣ୍ଟନ କରାଯାଇଥିଲା। ସଂକ୍ରାନ୍ତି ଦିନ ଗ୍ରାମରେ ଥିବା ନେଳିଆ ପୋଖରୀରୁ ମାଛ ମରାଯାଇ ଗ୍ରାମର ପ୍ରତ୍ୟେକ ପରିବାର ମଧ୍ୟରେ ବଣ୍ଟାଯିବା ପରେ ଗ୍ରାମର ପ୍ରତ୍ୟେକ ପରିବାର ନିଜ ବନ୍ଧୁବାନ୍ଧବଙ୍କ ସହ ଏହି ମାଛକୁ ଧରି ଶୁଦ୍ଧପୁତ ଭାବେ ବୁଧବାର ରାତିରେ ମା'ଙ୍କ ଜଙ୍ଗଲ ପୀଠରେ ପହଞ୍ଚି ନୂତନ ମାଟି ହାଣ୍ଡି ମାଧ୍ୟମରେ ଆମିଷ ରାନ୍ଧି ଦେବୀଙ୍କୁ ସମର୍ପଣ କରିଥିଲେ। ପରେ ପ୍ରସାଦ ରୂପେ ଭକ୍ତମାନେ ଗ୍ରହଣ କରି ସାମୂହିକ ଭାବେ ମାଟିହାଣ୍ଡିଗୁଡିକୁ ଭାଙ୍ଗିଥିଲେ। ଏଥିପାଇଁ ଏହାକୁ ହାଣ୍ଡି ଭଙ୍ଗା ଯାତ୍ରା ମଧ କୁହାଯାଇଥାଏ। ସେହିପରି ଅସରଳା ଓ ସଂପୁର ଗ୍ରାମରେ ରଜ ୩ ଦିନ ନାଟକ ପରିବେଷଣ ସହ ଯାତ୍ରା, ଘୋଡ଼ା ନାଚ ଏବଂ ବୋଲଗଡ ରଜ ପଡିଆରେ ମା' ରାମଚଣ୍ଡୀ ଠାକୁରାଣୀ ବିରାଟ ପଟୁଆରରେ ଗ୍ରାମ ପରିକ୍ରମା କରିବା ପରେ ଆସ୍ଥାନ ଜମାଇଥାନ୍ତି।

## ବରୁଣେଇ ମେଳାରେ ୫୦ ହଜାର ସମାଗମ

ଖୋର୍ଦ୍ଧା ଅଫିସ,୧୬।୬

ଖୋର୍ଦ୍ଧା ବରୁଣେଇ ପୀଠ ପାଦଦେଶରେ ଜିଲା ପ୍ରଶାସନ ଏବଂ ସାଂସ୍କୃତିକ ଅନୁଷ୍ଠାନ ଦିଶାନ୍ତର ମିଳିତ ସହଯୋଗରେ ଗତ ୧୪ବର୍ଷ ଧରି ରଜ ମହୋତ୍ସବ ଆୟୋଜନ ହୋଇ ଆସୁଛି। ତେବେ ଗତ ଦୁଇ ବର୍ଷ ହେବ କୋଭିଡ୍ କଟକଣା ଯୋଗୁ ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ରହିଥିବାବେଳେ ଚଳିତବର୍ଷ କଟକଣା କୋହଳ ହୋଇଛି। ଫଳରେ ମହା ଆଡମ୍ବରରେ ମହୋତ୍ସବ ଚାଲିଛି। ଏଥିସହିତ ବରୁଣେଇ ପୀଠଙ୍କ ରଜ ପରମ୍ପରା ସହ ବରୁଣେଇ ମେଳା ମଧ ଆୟୋଜନ ହୋଇଛି। ଖୋର୍ଦ୍ଧା ସହରରେ ରଜ ସଂକ୍ରାନ୍ତି ଠାରୁ ତିନି ଦିନ ବ୍ୟାପୀ ଏହି ମହୋତ୍ସବ ଓ ମେଳା ଆୟୋଜିତ ହେଉଥିବାରୁ ଲକ୍ଷାଧିକ ଭକ୍ତ, ପର୍ଯ୍ୟଟକଙ୍କ ସମାଗମ ହୋଇଥାଏ। ମା' ବରୁଣେଇ, କରୁଣେଇଙ୍କ ଆଶୀର୍ବାଦ ଲାଭ ସହ ରଜପାନ, ରଜଦୋଳିର ମଜା ଉଠାଇଥାନ୍ତି। ଗୁରୁବାର ୨ୟ ଦିନରେ ପ୍ରାୟ ୫୦ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିବା ଅନୁମାନ କରାଯାଇଛି।

### ମଜା ଉଠାଇଲେ ପିଲା

ବରୁଣେଇ ମହୋତ୍ସବରେ ମୁଖ୍ୟ ଆକର୍ଷଣ ଥିଲା ପିଲାଙ୍କ ମିକି ମାଉସ୍, ରଜଦୋଳି ଓ ମୀନାବଜାର। ଏଠାରେ ପିଲାମାନେ ଉପରକୁ ଉଠି ତଳକୁ ଆନନ୍ଦ ମନରେ ଖସୁଥିବା ଦେଖିବାକୁ ମିଳିଛି। ଗହଳି ବଢ଼ିବା ସହିତ ପିଲାଙ୍କ ସଂଖ୍ୟା ମଧ ବଢ଼ିଥିଲା।

### ଝୋଟ ସାମଗ୍ରୀର ଚାହିଦା

ମେଳାରେ ଓରମାସ ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ବିଭିନ୍ନ ଘରକରଣା, ଘରୋଇ ସାଜସଜ୍ଜା, ଅଗରବତି, ବଡି, ଆଚାର, ପାମ୍ପଡ, କସ୍‌ମେଟିକ୍ସ ସାମଗ୍ରୀ ପସରା ମେଳିଥିଲା। ଏହି ଅବସରରେ ଖୋଲିଥିବା ଝୋଟ ସାମଗ୍ରୀ ରହିଥିଲା ଚାହିଦା। ଝୋଟରେ ଘରୋଇ ସାଜସଜ୍ଜା, ମହିଳାଙ୍କ ବିଭିନ୍ନ ଛୋଟ, ବଡ଼ ମନିପର୍ସ, ଫୁଲଦାନୀ, ଟେରାକୋଟା ପ୍ରଭୃତି ଲୋକଙ୍କ ଆଗ୍ରହ ରହିଥିଲା।

### ଏଡିଏମ୍‌ଙ୍କ ଗାଡ଼ିକୁ ଛାଡ଼ିଲେନି ଅଧାରୁ ଫେରିଗଲେ

ବରୁଣେଇ ପାଦଦେଶରେ ଚାଲିଥିବା ରଜ ମହୋତ୍ସବର ଦ୍ୱିତୀୟ ଦିନରେ ଅତିରିକ୍ତ ଜିଲାପାଳ ମନୋଜ ପାଢୀ ଅତିଥି ଥିଲେ। ଅପରାହ୍ନ ୫ଟାରେ ସେ ଏକ ସରକାରୀ ଗାଡ଼ିରେ ମହୋତ୍ସବ ସ୍ଥଳକୁ ଯାଉଥିଲେ। ଏହି ସମୟରେ ଟ୍ରାଫିକ ଭିଡ଼ ରହିଥିଲା। ଭିଆଇପି, ଭିଭିଆଇପି ଏବଂ ପ୍ରଶାସନିକ ଅଧିକାରୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଥିବାସତ୍ତ୍ୱେ ଏଡିଏମ୍‌ଙ୍କ ଗାଡ଼ିକୁ କେତେଜଣ ସ୍ୱେଚ୍ଛାସେବୀ ଅଟକାଇଥିଲେ। ଏହି ସମୟରେ ଗାଡ଼ିର ଡ୍ରାଇଭର ତାଙ୍କୁ ପରିଚୟ ଦେବା ପରେ ମଧ ସେମାନେ ଶୁଣି ନ ଥିଲେ। ଏପରିକି ସେଠାରେ ପୋଲିସ ଉପସ୍ଥିତ ଥିଲେ ମଧ ନୀରବଦ୍ରଷ୍ଟା ସାଜିଥିଲା। ତେଣୁ ଏଡିଏମ୍ ବାଧ ହୋଇ ଫେରିଯାଇଥିବା ଦେଖିବାକୁ ମିଳିଥିଲା।

### ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ

ରଜ ମହୋତ୍ସବରେ ଟ୍ରାଫିକ ବ୍ୟବସ୍ଥା ଅନିୟନ୍ତ୍ରିତ ହୋଇପଡ଼ିଛି। ଟ୍ରାଫିକ ନିୟନ୍ତ୍ରଣ ଲାଗି ୩ ପ୍ଲାଟୁନ୍ ଫୋର୍ସ ସହ ଶହେରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ନିୟୋଜିତ ଅଛନ୍ତି। କୋଭିଡ୍ କଟକଣା ଯୋଗୁ ଗତ ଦୁଇ ବର୍ଷ ଧରି ମହୋତ୍ସବ ଓ ମେଳା ବନ୍ଦ ରହିଥିବାରୁ ଚଳିତବର୍ଷ ମହୋତ୍ସବରେ ପ୍ରବଳ ଜନସମାଗମ ହୋଇଛି। ପ୍ରସ୍ତାବିତ ପାଇକ ସ୍ମାରକୀ ସ୍ଥଳରେ ଚାରିଚକିଆ ଏବଂ ବାଇକ୍ ପାର୍କିଂ ପାଇଁ ମୋଟ ୩ଟି ସ୍ଥାନରେ ବ୍ୟବସ୍ଥା କରାଯାଇଛି। ତେବେ ଲୋକଙ୍କ ଗହଳି ଲାଗି ରହିଥିବାରୁ ପାର୍କିଂରୁ ଯାନବାହନ ପ୍ରବେଶ ଏବଂ ପ୍ରସ୍ଥାନ ସମୟରେ ରାସ୍ତାରେ ଅସମ୍ଭାଳ ଭିଡ଼ ରହୁଛି। ଭିଡ଼ ନିୟନ୍ତ୍ରଣ ଲାଗି ପୋଲିସ ଏବଂ ସ୍ୱେଚ୍ଛାସେବୀଙ୍କୁ ନାକେଦମ ହେବାକୁ ପଡ଼ିଛି।

## ନିଶାମୁକ୍ତ ପଞ୍ଚାୟତ ଗଠନ ଲାଗି ଆହ୍ୱାନ


ଛତିପୁର ଗ୍ରାମରେ ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟ ଆନୁକୂଲ୍ୟରେ 'ନିଶାକୁ ନା' କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଟ୍ରଷ୍ଟର ସଦସ୍ୟ।

ଖୋର୍ଦ୍ଧା ଅଫିସ,୧୬।୬

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ନନ୍ଦପୁର ପଞ୍ଚାୟତର ଛତିପୁର ଗ୍ରାମରେ ଗୁରୁବାର ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟ ଆନୁକୂଲ୍ୟରେ 'ନିଶାକୁ ନା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇନ୍‌ଜୀବୀ ଲକ୍ଷ୍ମଣ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏକାଧିକ ଗ୍ରାମବାସୀ ସାମିଲ ହୋଇଥିଲେ । ଅନୁଷ୍ଠାନର ଅଧ୍ୟକ୍ଷ ରାମଶଙ୍କର ଗ୍ରାମବାସୀଙ୍କୁ ନିଶାମୁକ୍ତ ପରିବାର ଗଠନ କରିବା ପାଇଁ ଶପଥପାଠ କରାଇଥିଲେ। ଛାତ୍ର, ଯୁବକ, ଶ୍ରମଜୀବୀ ପ୍ରମୁଖ ନିଶା କବଳରେ ପଡ଼ି ବିପଥଗାମୀ ହେଉଛନ୍ତି। ନିଶା ଯୋଗୁ ସମାଜ ଉପରେ କୁପ୍ରଭାବ ପଡୁଛି। ନାରୀ ନିର୍ଯାତନା, ପାରିବାରିକ ହିଂସା, ରାସ୍ତା ଦୁର୍ଘଟଣା ଓ ସାମାଜିକ ବିଶୃଙ୍ଖଳା ମୂଳରେ ନିଶାର ପ୍ରମୁଖ ଭୂମିକା ରହିଛି। ବିଗତ କିଛି ମାସ ମଧ୍ୟରେ ଦେଶର ପ୍ରମୁଖ ଆଧ୍ୟାତ୍ମିକ ସ୍ଥଳୀଗୁଡ଼ିକରେ ମଦ ବିକ୍ରି ବଢ଼ିଚାଲିଛି। ଫଳରେ ଧାର୍ମିକ ସ୍ଥଳର ଆଧ୍ୟାତ୍ମିକତା ବାତାବରଣ ନଷ୍ଟ ହେଉଛି। ଏକ ସୁସ୍ଥ ସମାଜ ଗଠନ ଲାଗି ନିଶା ଠାରୁ ଦୁରେଇ ରହିବାକୁ ଆହ୍ୱାନ ଦେଇଥିଲେ। ସ୍ଥାନୀୟ ସରପଞ୍ଚ ବିପ୍ଳବ କେଶରୀ ବଳିୟାରସିଂ ଏ ଦିଗରେ ପଞ୍ଚାୟତବାସୀଙ୍କୁ ସଚେତନ କରାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶ୍ରୀନିବାସ ପ୍ରଧାନ, ଦେବେନ୍ଦ୍ର ପ୍ରଧାନ, ବିଷ୍ଣୁପ୍ରସାଦ ଶ୍ରୀଚନ୍ଦନ, କୈଳାସ ଚନ୍ଦ୍ର ପାଇକରାୟ, ହୃଷିକେଶ ବେହେରା, ଭାସ୍କର ପଶ୍ଚିମକବାଟ, ରାମଚନ୍ଦ୍ର ସ୍ୱାଇଁ, ବିରଞ୍ଚି ପରିଡ଼ା, ସର୍ବେଶ୍ୱର ପରିଡ଼ା, ଭାଗବତ ପରିଡ଼ା, ସମର ପାଇଶାଣୀ, ଶ୍ରୀକାନ୍ତ ଜେନା ପ୍ରମୁଖ ନିଶାମୁକ୍ତ ପରିବାର ଗଠନ ଦିଗରେ ସ୍ୱେଚ୍ଛାସେବୀ ରୂପେ କାର୍ଯ୍ୟ କରିବେ ବୋଲି ମତ ଦେଇଥିଲେ। ରମେଶ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା ସହ ଧନ୍ୟବାଦ ଦେଇଥିଲେ।

## ଯୁବପିଢ଼ିଙ୍କ ପ୍ରେରଣା ଥିଲେ ଗୋକୁଳ ମୋହନ

ଖୋର୍ଦ୍ଧା ଅଫିସ,୧୬।୬

ଖୋର୍ଦ୍ଧା ଗୋକୁଳ ମୋହନ ସ୍ମୃତିସଂସଦ ପକ୍ଷରୁ ଗୁରୁବାର ସ୍ୱାଧୀନତା ସଂଗ୍ରାମୀ ଗୋକୁଳ ମୋହନ ରାୟ ଚୂଡ଼ାମଣିଙ୍କ ୧୧୨ତମ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଡିଏ କଲୋନୀ ଛକସ୍ଥିତ ଗୋକୁଳମୋହନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସ୍ମୃତିଚାରଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ଯୋଗଦେଇ କହିଥିଲେ, ସ୍ୱାଧୀନତା ଆନ୍ଦୋଳନରେ ଗୋକୁଳମୋହନଙ୍କ ଯୋଗଦାନ ଯୁବପିଢ଼ିଙ୍କୁ ପ୍ରେରଣା ଦେଇଥିଲା। ସେ ୧୯୧୧ ମସିହାରେ ପୁରୀ ଜିଲା ନିମାପଡ଼ାର ଏକ ଜମିଦାର ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ କର୍ମଭୂମି ଥିଲା ଖୋର୍ଦ୍ଧା। ଡାକ୍ତରୀ ପଢ଼ା ମୋହ ଛାଡ଼ି ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ। ୧୯୩୯ରେ ଗଡ଼ଜାତ ଆନ୍ଦୋଳନ ଓ ୧୯୪୨ରେ ଭାରତ ଛାଡ଼ ଆନ୍ଦୋଳନରେ ସାମିଲ ହୋଇଥିଲେ। ସେ ଲବଣ ସତ୍ୟାଗ୍ରହ, କୃଷକ ଆନ୍ଦୋଳନ, ଆଇନ ଅମାନ୍ୟ ଆନ୍ଦୋଳନ ଇତ୍ୟାଦିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି ମତ ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମକୁ ଆଇନଜୀବୀ ନରେନ୍ଦ୍ର ପୃଷ୍ଟି ସଂଯୋଜନା କରିଥିଲେ। ପୌର ଉପାଧ୍ୟକ୍ଷ ସୌର୍ଯ୍ୟ ପ୍ରସାଦ ମହାନ୍ତି, ଗବେଷକ ଗୋପାଳକୃଷ୍ଣ ଦାସ, ଶିକ୍ଷାବିତ କ୍ଷୀରୋଦ ପ୍ରସାଦ ମହାନ୍ତି, ବୈକୁଣ୍ଠନାଥ ରାଜଗୁରୁ, ସତ୍ୟବାଦୀ ବଳିୟାରସିଂ ଏବଂ ଆଇନ୍‌ଜୀବୀ ନୃସିଂହ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଦିନକରେ ମିଳିଲା ୨ ଝୁଲନ୍ତା ମୃତଦେହ

ବୋଲଗଡ,୧୬।୬(ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ବୋଲଗଡ ଥାନା ବାଙ୍କୋଇ ଫାଣ୍ଡି ଅଧୀନ ପୋଡାପାଟଣା ଗ୍ରାମର ପଙ୍କଜ ସେଠୀ (୪୮)ଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଗୁରୁବାର ଜବତ କରିଛି। ଏ ନେଇ ପୋଲିସ ଏକ ମାମଲା(ନଂ.୯/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ପଙ୍କଜଙ୍କ ସ୍ତ୍ରୀ ଗତ କିଛିଦିନ ତଳେ କେଉଁଆଡେ ଚାଲିଯାଇଥିଲେ। ଏଥିନେଇ ସେ ମାନସିକ ଅବସାଦରେ ଥିଲେ। ନିଜର ୪ଟି ପିଲାଙ୍କ ମଧ୍ୟରୁ ବଡ ଝିଅ ବିବାହ କରିଥିବା ବେଳେ ଅନ୍ୟ ୩ଜଣଙ୍କୁ ସମ୍ପର୍କୀୟଙ୍କ ଘରେ ଛାଡିଦେଇ ସେ ଘରେ ଏକାକୀ ରହୁଥିଲେ। ତେବେ ପଙ୍କଜ ବୁଧବାର ରାତିରୁ ପରଦିନ ସକାଳ ପର୍ଯ୍ୟନ୍ତ ଘରୁ ବାହାରି ନ ଥିଲେ। ପଡ଼ୋଶୀ ଲୋକେ ଡାକିବା ସତ୍ତ୍ୱେ କୌଣସି ଉତ୍ତର ଦେଇ ନ ଥିଲେ। ଫଳରେ ସନ୍ଦେହ କରି ପଙ୍କଜଙ୍କ ବଡ଼ଭାଇ ଓ ପୋଲିସକୁ ଗ୍ରାମବାସୀ ଜଣାଇଥିଲେ। ଖବରପାଇ ବାଙ୍କୋଇ ଫାଣ୍ଡି ଅଧିକାରୀ ବିନାୟକ ମନ୍ତ୍ରୀ ଟିମ୍ ସହ ପହଞ୍ଚି କବାଟ ଭାଙ୍ଗି ପଶିଥିଲେ। ପଙ୍କଜ ଏକ ପ୍ଲାଷ୍ଟିକ ରଶି ବେକରେ ଗୁଡ଼ାଇ ଝୁଲିଥିବା ଦେଖିଥିଲେ। ତାଙ୍କୁ ଉଦ୍ଧାର କରି ମେଡିକାଲ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଫଳରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟାଳୟକୁ ପଠାଯାଇଛି।

### କାର୍ଯ୍ୟରେ ଅବହେଳା ଯୋଗୁ ଚାକିରିରୁ ନିଲମ୍ବିତ ହୋଇଥିଲେ

ବେଗୁନିଆ,୧୬।୬(ଡି.ଏନ୍.ଏ.)

ବେଗୁନିଆ ଥାନା ପୋଲିସ ଗୁରୁବାର ଭୋରରୁ ବଲାଡି ଗ୍ରାମର ଏକ ଘରୁ ଜଣେ ଯୁବକଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହକୁ ଜବତ କରିଛି। ମୃତକ ହେଲେ ଏହି ଥାନା ଅନ୍ତର୍ଗତ ବଲାଡି ଗ୍ରାମର ଅମରେନ୍ଦ୍ର ସେଠୀ(୩୩)। ଏ ନେଇ ପୋଲିସ ଏକ ମାମଲା(ନଂ. ୧୨/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅମରେନ୍ଦ୍ର ଏବଂ ତାଙ୍କ ମା' ଓ ସାନ ଭାଇ ମିଶି ଦୀର୍ଘବର୍ଷ ହେଲା ବେଗୁନିଆ ଥାନା କାର୍ଯ୍ୟାଳୟ ନିକଟସ୍ଥ ଏକ ଭଡାଘରେ ରହୁଥିଲେ। ପୋଲିସ ସୂଚନା ଅନୁସାରେ ସବୁଦିନ ଭଳି ବୁଧବାର ରାତ୍ରଭୋଜନ ସରିବା ପରେ ଅମରେନ୍ଦ୍ର ନିଜ ଶୟନକକ୍ଷରେ ବିଶ୍ରାମ କରିଥିଲେ। ବିଳମ୍ବିତ ରାତିରେ କୌଣସି ଏକ ଶବ୍ଦ ଶୁଣି ଅମରେନ୍ଦ୍ର ଶୋଇଥିବା ଶୟନ କୋଠରିରୁ ପରିବାର ଲୋକେ ଆସି ଦେଖିବା ବେଳକୁ ବେକରେ କପଡ଼ା ଲଗାଇ ସେ ଫ୍ୟାନରେ ଝୁଲୁଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବାସହ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା। ଅମରେନ୍ଦ୍ରଙ୍କ ସାନ ଭାଇ ରବୀନ୍ଦ୍ରଙ୍କ ଅଭିଯୋଗ ଅନୁଯାୟୀ, ଥାନାରେ ମାମଲା ରୁଜୁ ହୋଇଛି। ପ୍ରକାଶଥାଉକି, ଅମରେନ୍ଦ୍ର ପୁରୀ ଜିଲା ଅଞ୍ଚଳରେ ଶିକ୍ଷା ସହାୟକ ଭାବେ ନିଯୁକ୍ତି ପାଇଥିଲେ। କାର୍ଯ୍ୟରେ ଅବହେଳା ଯୋଗୁ ଚାକିରିରୁ ନିଲମ୍ବିତ ହୋଇ ଗତ ପାଞ୍ଚବର୍ଷ ହେଲା ରୋଜଗାର ହରାଇ ଘରେ ବସିଥିଲେ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜଣାପଡିଛି। ତେବେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନ ଥିଲେ ମଧ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସତ୍ୟ ଜଣାପଡ଼ିବ ବୋଲି ପୋଲିସ ଅଧିକାରୀଙ୍କ ପକ୍ଷରୁ ସୂଚନା ଦିଆଯାଇଛି।